## ସଂକ୍ଷେପରେ

### ଛତୁ ତୋଳୁଥିବାବେଳେ ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଖୁଣ୍ଟୁଣୀ,୨୬।୮ (ସଚ୍ଚିଦାନନ୍ଦ ପଣ୍ଡା)

ଛତୁ ତୋଳୁଥିବାବେଳେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଗୁରୁଡ଼ିଝାଟିଆ ଥାନା ଅଞ୍ଚଳର ହରସିଂହ ଯାମୁଦା(୩୦)। ଏନେଇ ପୋଲିସ ୧୭୬/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଖୁଣ୍ଟୁଣୀ ଏସ୍‌ଆଇ ବିକାଶ କୁମାର ସେଠୀ ସୂଚନା ଦେଇଛନ୍ତି। ଗତ ଶନିବାର ମହିଳା ଜଣଙ୍କ ଘର ପାଖ ଜଙ୍ଗଲରୁ ଛତୁ ତୋଳୁଥିଲେ। ତାଙ୍କୁ ଏକାକୀ ଦେଖି ହରସିଂହ ମହିଳାଙ୍କୁ ବଳାତ୍କାର କରିଥିଲେ। ଏନେଇ ମହିଳା ଜଣକ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ଆଇ ସେଠୀ ସୋମବାର ହରସିଂହଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିଛନ୍ତି।

### ଖୁଣ୍ଟୁଣୀ ଥାନା ନୂଆ ଆଇଆଇସି ଭାବେ ଦାୟିତ୍ୱ ନେଲେ ରବି ନାରାୟଣ

ଖୁଣ୍ଟୁଣୀ,୨୬।୮ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନାର ନୂତନ ଆଇଆଇସି ଭାବେ ରବି ନାରାୟଣ ବେହେରା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ଥିବା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କଟକ ଜିଲା ନରସିଂହପୁରକୁ ବଦଳି ହୋଇଛନ୍ତି। ଏହା ପୂର୍ବରୁ ଆଇଆଇସି ବେହେରା ଜଗତ୍‌ସିଂହପୁର, ପାରାଦୀପରେ ସେକେଣ୍ଡ ଅଫିସର ଭାବେ ଏବଂ କଟକ ଜିଲା ଗୋବିନ୍ଦପୁର ଥାନାରେ ଆଇଆଇସି ଭାବେ ଦକ୍ଷତାର ସହିତ କାର୍ଯ୍ୟକରି ଜନସାଧାରଣଙ୍କ ଆସ୍ଥାଭାଜନ ହୋଇ ପାରିଥିଲେ। ବେହେରା ଖୁଣ୍ଟୁଣୀ ଥାନାରେ ବିଦାୟୀ ଆଇଆଇସି ଖୁଣ୍ଟିଆଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଖୁଣ୍ଟୁଣୀ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ଦେବା ସହିତ ସମାଜର ଅସହାୟ ଲୋକ ତଥା ନ୍ୟାୟ ପାଇଁ ଥାନାକୁ ଆସୁଥିବା ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନକୁ ପ୍ରାଧାନ୍ୟ ଦେବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ଆପରାଧିକ କାର୍ଯ୍ୟକଳାପ ଓ ରାହାଜାନିକୁ ରୋକିବାକୁ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ବେହେରା କହିଛନ୍ତି।

### ଆଇନଜୀବୀ ବିକ୍ରମ କିଶୋର ବେଉରାଙ୍କ ପରଲୋକ

କଟକ,୨୬।୮ (କାର୍ତ୍ତିକ ସାହୁ)

ହାଇକୋର୍ଟର ଆଇନଜୀବୀ ବିକ୍ରମ କିଶୋର ବେଉରା(୫୨)ଙ୍କ ହୃଦଘାତରେ ମହମ୍ମଦିଆ ବଜାରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପିତା ଅବସରପ୍ରାପ୍ତ ବିଚାର ବିଭାଗୀୟ ଅଫିସର ନଟକିଶୋର ବେଉରା, ସହଧର୍ମିଣୀ ସନ୍ଧ୍ୟାରାଣୀ ବେଉରା,



କନ୍ୟା ସଂଘମିତ୍ରା ବେଉରା, ଭଉଣୀ ମୀରା ବେଉରା, ପଙ୍କଜିନୀ ପରିଡ଼ା, କସ୍ତୁରୀ ବେଉରାଙ୍କ ସମେତ ଆତ୍ମୀୟସ୍ୱଜନବୃନ୍ଦ ଉପସ୍ଥିତ ଥିଲେ। ଖବରପାଇ ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ଆଇନଜୀବୀ ବିଜୟ କୁମାର ଦାସ, ସମ୍ପାଦକ ରଞ୍ଜନ କୁମାର ନାୟକ, ଓଡ଼ିଶା ନାରୀ ସେବାସଂଘ ସଭାନେତ୍ରୀ ଡ. ପ୍ରତିମା ମହାପାତ୍ର, ସମ୍ପାଦିକା ଆଭା କାନୁନଗୋଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ।

# ଦିବ୍ୟାଙ୍ଗ ଗଢୁଛନ୍ତି ୧୨ ଫୁଟ୍‌ର ଗଣେଶ ମୂର୍ତ୍ତି

## ଜିଲା ମୂକ ବଧିର ସଂଘ ସଦସ୍ୟଙ୍କ ନିଆରା ପ୍ରୟାସ



କଟକ ଜିଲା ମୂକ ବଧିର ସଂଘର କର୍ମକର୍ତ୍ତାମାନେ ଗଣେଶ ମୂର୍ତ୍ତି ତିଆରି କରୁଛନ୍ତି।

କଟକ,୨୬।୮ (ଶିଲ୍ପା ପ୍ରିୟଦର୍ଶିନୀ)

ଦିବ୍ୟାଙ୍ଗ ହୋଇ ମଧ୍ୟ ସକ୍ଷମଙ୍କଠାରୁ ଅଧିକ କରି ଦେଖାଇପାରିଛନ୍ତି କଟକ ଜିଲା ମୂକ ବଧିର ସଂଘର ସଦସ୍ୟ। ତୁଳସୀପୁର ଲୋୟର ପୋଲିସ କଲୋନୀରେ ଥିବା ଜିଲା ମୂକ ବଧିର ସଂଘର ସଦସ୍ୟମାନେ କଥା କହି ପାରୁ ନ ଥିଲେ ଓ ଶୁଣିପାରୁ ନ ଥିଲେ ମଧ୍ୟ ଚଳିତବର୍ଷ ଗଣେଶ ପୂଜା ପାଇଁ ତିଆରି କରୁଛନ୍ତି ୧୨ ଫୁଟ୍ ଉଚ୍ଚତାର ମୂର୍ତ୍ତି। ନୂଆକରି ହନୁମାନଙ୍କ ପ୍ରତିମୂର୍ତ୍ତିରେ ଗଣେଶ ପ୍ରତିମା ତିଆରି କରୁଛନ୍ତି। ଏହି ମୂର୍ତ୍ତି ତିଆରି ପାଇଁ ଆବଶ୍ୟକ ହେଉଥିବା ସାମଗ୍ରୀ ନିଜେ ସଂଗ୍ରହ କରିଛନ୍ତି। ସଂଘର ୪ ଜଣ ସଦସ୍ୟ ରତନ କୁମାର ସେନ, ବାଲୁଙ୍କେଶ୍ୱର ବେହେରା, ନୀଳକଣ୍ଠ ଦାସ ଓ ମନୋଜ ତରାଇ ଏହାକୁ ତିଆରି କରୁଥିବାବେଳେ ଅନ୍ୟ ସଦସ୍ୟମାନେ ସହଯୋଗ କରୁଛନ୍ତି। ୩୫ ବର୍ଷ ତଳେ ସଂଘ ଗଠନ ହୋଇଥିବାବେଳେ ବର୍ତ୍ତମାନ ୪୫୦ ଜଣ ସଦସ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୫୦ ପୁରୁଷ ଓ ୨୦୦ ଜଣ ମହିଳା। ପ୍ରଥମେ ଏହି ସଂଘରେ ଗଣେଶ ମୂର୍ତ୍ତି କିଣି ପୂଜାର୍ଚ୍ଚନା କରାଯାଉଥିଲା। ପରେ ସଂଘର ସଦସ୍ୟମାନେ ଆଇଟିଆଇ କଲେଜରେ ଅଧ୍ୟୟନ କରୁଥିବାବେଳେ ମୂର୍ତ୍ତି କୌଶଳ ଶିକ୍ଷାଲାଭ କରି ଆଜିକୁ ୨୫ ବର୍ଷ ହେବ ନିଜ ହାତରେ ମୂର୍ତ୍ତି ଗଢି ପୂଜା କରୁଛନ୍ତି। ଇଣ୍ଟରନେଟରୁ ଫଟୋ ଚୟନ କରି ମୂର୍ତ୍ତି ତିଆରି କରୁଛନ୍ତି। ମୂର୍ତ୍ତି ବାବଦକୁ ପ୍ରାୟ ୮୦ ହଜାର ଟଙ୍କା ଖର୍ଚ୍ଚ ଅଟକଳ ହୋଇଛି।

**ଅନ୍ୟ ପାଇଁ ଉଦାହରଣ**



ଗଣେଶ ପୂଜାରେ ପ୍ରତ୍ୟେକ କ୍ଲବ ବାହାର କାରିଗରଙ୍କ ମୂର୍ତ୍ତି ଆଣି ପୂଜା କରିଥାନ୍ତି। କିନ୍ତୁ ଏହି ସଂଘର ସଦସ୍ୟମାନେ ନିଜେ ମୂର୍ତ୍ତି ଗଢ଼ିବା ସହ ପୂଜା କରିଥାନ୍ତି। ଏହି ସଂଘର ସଦସ୍ୟମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

- ଅଭି ମହାନ୍ତି, ସଭାପତି, କଟକ ଜିଲା ମୂକ ବଧିର ସଂଘ

**ହାତ ତିଆରି ମୂର୍ତ୍ତି ଆକର୍ଷିତ ହେବ**



ନିଜ ହାତ ଗଢ଼ା ମୂର୍ତ୍ତି ପୂଜା କରିବାର ମଜା ନିଆରା। ହାତ ତିଆରି ମୂର୍ତ୍ତି ସଂଘର ଶୋଭାକୁ ବଢ଼ାଇଛି। ମୂର୍ତ୍ତି ତିଆରି ପାଇଁ ଏବେ ସମସ୍ତ ସମୟ ଦେଉଛୁ। ମାଟି କାମ ଶେଷ ହୋଇଛି, ଏବେ ଅନ୍ୟାନ୍ୟ କାମ ଆରମ୍ଭ ହେବ।

- ମନୋଜ ତରାଇ, ସଂଘର ସଦସ୍ୟ

**ନିଜେ ମୂର୍ତ୍ତି ଗଢ଼ି ଖୁସି ଅନୁଭବ କରୁଛି**



ଆଇଟିଆଇରେ ପାଠ ପଢ଼ିଛି ଏବଂ ସେଠାରେ ବହୁ କୌଶଳ ଶିଖିବାକୁ ପାଇଛି। ପାଠ ପଢ଼ା ସମୟରୁ ମୂର୍ତ୍ତି ଗଢ଼ିବା ଶିଖିଛି। ପ୍ରଥମେ ଛୋଟ ଓ ପରେ ବଡ଼ ମୂର୍ତ୍ତି କାମ ଆରମ୍ଭ କରିଛି। ନିଜ ପସନ୍ଦ ମୁତାବକ ମୂର୍ତ୍ତି ତିଆରି କରୁଥିବାରୁ ଖୁସି ଅନୁଭବ ହେଉଛି।

- ରତନ କୁମାର ସେନ୍, ସଂଘର ସଦସ୍ୟ

# ଅଭିଯୁକ୍ତ ଗିରଫ: ସ୍କୁଟି, ସାଇକେଲ, ମୋବାଇଲ ଜବତ

କଟକ,୨୬।୮ (କାର୍ତ୍ତିକ ସାହୁ)

## ଖୋର୍ଦ୍ଧା ଅତିରିକ୍ତ ଜିଲାପାଳଙ୍କ ଘରୁ ଚୋରି ମାମଲା



ଗିରଫ ଅଭିଯୁକ୍ତ।

ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ବାରବାଟୀ ଷ୍ଟାଡିୟମ ପଛପାର୍ଶ୍ୱସ୍ଥିତ ବାସଭବନରୁ ଚୋରି ମାମଲାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଘର ବାହାରେ ଲାଗିଥିବା ସିସିଟିଭି କ୍ୟାମେରାରୁ ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ସହଜ ହୋଇଛି। ଅଭିଯୁକ୍ତ ଜଣକ ହେଲେ କଟକ ପଟ୍ଟାପୋଲ ଅଞ୍ଚଳର ଲୋକୁ ଓରଫ ସେକ୍ ଅବଦୁଲ ଫକିର(୨୮)। ଅଭିଯୁକ୍ତଙ୍କଠାରୁ ଏକ ଚୋରା ନମ୍ବରବିହୀନ ସ୍କୁଟି, ଏକ ଚୋରା ସାଇକେଲ, ଗୋଟିଏ ମୋବାଇଲ୍ ଫୋନ୍ ଓ ନଗଦ ୭୨୦ ଟଙ୍କା ଜବତ ହୋଇଛି। ଅଭିଯୁକ୍ତଙ୍କ ନାମରେ କ୍ୟାଣ୍ଟନମେଣ୍ଟ ଥାନାରେ ୯ଟି ଓ ମଙ୍ଗଳାବାଗ ଥାନାରେ ୧ଟି ମାମଲା ରହିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି।

ସୂଚନା ଅନୁସାରେ, ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ବାରବାଟୀ ଷ୍ଟାଡିୟମ ପଛପାର୍ଶ୍ୱ ଅଞ୍ଚଳରେ ଥିବା ବାସଭବନରେ ଗତ ୧୨ତାରିଖରେ ଚୋରି ହୋଇଥିଲା। ପୂର୍ବାହ୍ନ ପ୍ରାୟ ୧୧.୩୦ରୁ ଅପରାହ୍ନ ୧ଟା ମଧ୍ୟରେ ଘରେ କେହି ନ ଥିବା ସୁଯୋଗରେ ଜଣେ ଅଜଣା ବ୍ୟକ୍ତି ବାସଭବନ ପରିସରକୁ ପ୍ରବେଶ କରିଥିଲେ। ଠାକୁର ଘର ଝରକା ବାଟ ଦେଇ କୌଶଳ କ୍ରମେ ଉକ୍ତ ବ୍ୟକ୍ତି ପ୍ରାୟ ୯ ହଜାର ଟଙ୍କା ଚୋରି କରିନେଇଥିଲେ। ଅଭିଯୋଗକାରୀଙ୍କ ସମ୍ପର୍କୀୟ ଭାଇ ଦିନ ପ୍ରାୟ ୧୨ଟା ୫୫ରେ ଉକ୍ତ ଘରେ ପହଞ୍ଚି କେହି ଜଣେ ପାଚେରି ଡେଇଁ ଦୌଡ଼ି ପଳାଉଥିବାର ଦେଖିଥିଲେ। ଏହାପରେ ଅତିରିକ୍ତ ଜିଲାପାଳ ବେଉରା କ୍ୟାଣ୍ଟନମେଣ୍ଟ ଥାନାରେ ଏତଲା ଦେଇଥିଲେ। ଥାନାରେ ଏ ନେଇ କେସ୍ ନଂ. ୧୨୬/୨୦୨୪ ରୁଜୁ ହେବା ପରେ ପୋଲିସ ମାମଲାର ତଦନ୍ତ କରିଥିଲା। ଚୋରି ହୋଇଥିବା ଘର ସମେତ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା ପୋଲିସ ଯାଞ୍ଚ କରିଥିଲା। ତେବେ ଧଳା ଟି-ଶାର୍ଟ ଓ କଳା ହାଫ୍ ପ୍ୟାଣ୍ଟ ପିନ୍ଧି ପିଠିରେ କଳା-ହଳଦିଆ ରଙ୍ଗର ଏକ ବ୍ୟାଗ ପକାଇଥିବା ଯୁବକଙ୍କୁ ଉକ୍ତ ଘରର ମୁଖ୍ୟ ଦରଜା ଦେଇ ଭିତରକୁ ପଶିବାର ଠାବ କରାଯାଇଥିଲା। ଭିତରକୁ ପ୍ରବେଶ କରିବା ପରେ ସେ ଏଣେତେଣେ ଖୋଜାଖୋଜି କରୁଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଥିଲା। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ବୀରେନ୍ ମିତ୍ର ପାର୍କ ନିକଟରୁ ଗିରଫ କରାଯାଇଥିଲା।

# ମାନବିକତା ଦେଖାଇଲେ ଅଭିମନ୍ୟୁ

କଟକ, ୨୬।୮ (ଶିଲ୍ପା ପ୍ରିୟଦର୍ଶିନୀ)

## କର୍କଟ ପୀଡ଼ିତ ରାଜୁ, ୨ ପିଲାଙ୍କୁ ଉଦ୍ଧାର କଲେ



ସମାଜସେବୀ ଅଭିମନ୍ୟୁଙ୍କ ସହ ଦୁଇ ଶିଶୁଙ୍କୁ ବସୁନ୍ଧରାକୁ ନେଉଛନ୍ତି ଜିଲା ଶିଶୁ ସୁରକ୍ଷା ବିଭାଗର ଦୁଇ କର୍ମଚାରୀ।

ଏବେ ବି ସମାଜରେ ମାନବିକତା ବଞ୍ଚିଛି। ଅସହାୟ ହୋଇପଡ଼ିଥିବା ଜଣେ କର୍କଟ ଆକ୍ରାନ୍ତ ଏବଂ ତାଙ୍କ ଦୁଇ ପିଲାଙ୍କୁ ସମାଜସେବୀ ଅଭିମନ୍ୟୁ ଦାସ ଉଦ୍ଧାର କରିବା ସହ ସହାୟତାର ହାତ ବଢାଇଛନ୍ତି। ସୂଚନା ଅନୁଯାୟୀ, ରାଉରକେଲା ଅଞ୍ଚଳର ମହମ୍ମଦ ରାଜୁ ମୁଖ କର୍କଟରେ ପୀଡ଼ିତ ଥିବା ବେଳେ ଗତ ଦୁଇବର୍ଷ ହେବ ଆଚାର୍ଯ୍ୟ ହରିହର କର୍କଟ ଅନୁଷ୍ଠାନରେ ଚିକିତ୍ସିତ ହେଉଛନ୍ତି। ସୋମବାର ରାଜୁ ଏହି କର୍କଟ କେନ୍ଦ୍ରକୁ ଆସିଥିବାବେଳେ ତାଙ୍କ ସ୍ତ୍ରୀ ତାଙ୍କୁ ଓ ପୁଅ ଝିଅଙ୍କୁ କଟକ ରେଳଷ୍ଟେଶନରେ ଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି। ରାଜୁ ପୁଅ ଝିଅଙ୍କୁ ନେଇ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଅସହାୟ ଅବସ୍ଥାରେ ବସିଥିବାବେଳେ ଖବର ପାଇ ଅଭିମନ୍ୟୁ ସେଠାରେ ପହଞ୍ଚି ରାଜୁଙ୍କ ଚିକିତ୍ସା ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ଦୀର୍ଘ ସମୟ ଚେଷ୍ଟା ପରେ ମେଡିକାଲ ଏଡିଏମ୍‌ଓ ପ୍ରତିଭା ପୃଷ୍ଟିଙ୍କ ସହାୟତାରେ ରାଜୁଙ୍କୁ କର୍କଟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏପରିକି ମେଡିକାଲ ପକ୍ଷରୁ ରାଜୁଙ୍କ ସେବା ପାଇଁ ମେଡିକାଲ ଆଟେଣ୍ଡାଣ୍ଟ ବ୍ୟବସ୍ଥା ହୋଇଛି। ରାଜୁଙ୍କ ଚିକିତ୍ସା ଆରମ୍ଭ ହୋଇଥିଲେ ମଧ୍ୟ ୫ବର୍ଷର ପୁଅ ଓ ୭ବର୍ଷର ଝିଅ ଅସହାୟ ହୋଇ ପଡିଥିବାବେଳେ ସୁରକ୍ଷା ଦୃଷ୍ଟିରୁ ଅଭିମନ୍ୟୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତିଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ପରେ ଜିଲା ଶିଶୁ ସୁରକ୍ଷାର କର୍ମଚାରୀ ମେଡିକାଲରେ ପହଞ୍ଚି ସ୍ଥାନୀୟ ଫାଣ୍ଡି ଅଧିକାରୀ ମଣେଶ୍ୱର ସାହୁଙ୍କ ସହାୟତାରେ ଦୁଇଶିଶୁଙ୍କୁ ଆଣିବିଡାନାସୀସ୍ଥିତ ବସୁନ୍ଧରାରେ ରଖିଥିବା ଜଣାପଡ଼ିଛି। ଏନେଇ ଅଭିମନ୍ୟୁ କହିଛନ୍ତି- ମହମ୍ମଦ ରାଜୁଙ୍କୁ ଦୁଇ ବର୍ଷ ହେବ କର୍କଟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଦେଖିଆସୁଛି। ଏଭଳି ସ୍ଥିତିରେ ତାଙ୍କ ସ୍ତ୍ରୀ ଏକା ଛାଡ଼ି ଚାଲିଯିବା ଖବର ଦୁଃଖିତ କରିଛି। ଘଟଣାସ୍ଥଳରେ ପହଞ୍ଚି ମେଡିକାଲ କର୍ମଚାରୀଙ୍କ ସହାୟତାରେ ରାଜୁଙ୍କ ଚିକିତ୍ସା ବ୍ୟବସ୍ଥା ସହ ଦୁଇ ପିଲା ଯେପରି ସୁରକ୍ଷିତ ରହିବେ ସେନେଇ ବ୍ୟବସ୍ଥା କରାଯାଇଛି। ଉଭୟ ପିଲାଙ୍କୁ ତାଙ୍କ ବାପା ସୁସ୍ଥ ହେବା ପରେ ନେଇପାରିବେ ନଚେତ ମାଆ ମଧ୍ୟ ନେଇପାରିବେ ବୋଲି ଏକ ଲିଖିତ ଦରଖାସ୍ତ ଦେଇଛି ଫଳରେ ଉଭୟ ପିଲା ନିଜ ମା'ବାପାଙ୍କ ପାଖରେ ରହିପାରିବେ ବୋଲି ଦାସ କହିଛନ୍ତି।

# ବ୍ରିଜ୍ ଉପରେ ଏନ୍‌ଏଚ୍‌ଏଆଇର ଢଳେଇ ଉଦ୍ୟମକୁ ଭାଜପାର ବିରୋଧ

ଖୁଣ୍ଟୁଣୀ,୨୬।୮ (ସଚ୍ଚିଦାନନ୍ଦ ପଣ୍ଡା)

୫୫ନଂ. ଜାତୀୟ ରାଜପଥର ଖୁଣ୍ଟୁଣୀ ବଜାର ନିକଟରେ ଥିବା ଅଣଓସାରିଆ ବଡ଼ଜୋର ପୋଲଟିର ୨ ପାର୍ଶ୍ୱରେ ଥିବା ପୁରୁଣା ବାଡ଼ାକୁ ଭାଙ୍ଗି ସେଥିରେ ନୂଆ ଢଳେଇ ବାଡ଼ ଦେବାକୁ ଏନ୍‌ଏଚ୍‌ଏଆଇ ଠିକାଦାରଙ୍କ ଉଦ୍ୟମକୁ ନେଇ ଭାଜପା କର୍ମୀ ବିରୋଧ କରିଥିଲେ। ଫଳରେ ୫ ଦିନ ଧରି ଠିକାଦାର କାର୍ଯ୍ୟ ବନ୍ଦ ରଖିଥିଲେ।

## ଆଲୋଚନା ପରେ ସମସ୍ୟାର ସମାଧାନ ହେଲା

ତେବେ ରବିବାର ସନ୍ଧ୍ୟାରେ ଖୁଣ୍ଟୁଣୀ ଥାନା ପରିସରରେ ହୋଇଥିବା ଏକ ଆଲୋଚନାରେ ଏହାର ସମାଧାନ ସୂତ୍ର ବାହାରିଛି। ଯୁବକଙ୍କ ଦାବି ମୁତାବକ, ଠିକାଦାର ଏହି ପୁରୁଣା ପୋଲ ସଂକ୍ରାନ୍ତରେ କାଗଜ ଦେଖାଇ କାମ ଆରମ୍ଭ କରିବେ। ଖୁଣ୍ଟୁଣୀ ଥାନା ଛକଠାରୁ ଗୋଲେଇ ଛକ ପର୍ଯ୍ୟନ୍ତ ଖାଲ ଢିପ ହୋଇ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ୨ ପାର୍ଶ୍ୱର ସର୍ଭିସ ରାସ୍ତାର ତୁରନ୍ତ ମରାମତି, ବଜାର ଉପରେ ଉଡୁଥିବା ପାଉଁଶ ଯୋଗୁ ପରିବେଶ ଦୂଷିତ ହେଉଥିବରୁ ୨ ପାର୍ଶ୍ୱ ରାସ୍ତାରେ ମୁଖ୍ୟରାସ୍ତା ନିର୍ମାଣ ନ ସରିବା ଯାଏ, ପାଣି ସିଞ୍ଚନ କରିବାକୁ ପ୍ରତିଶ୍ରୁତି ଦେବାରୁ ଆଲୋଚନା ସଫଳ ହୋଇଥିବା ଜଣାଯାଇଛି।

ପୁରୁଣା ବ୍ରିଜ୍ ନୂଆ ନିର୍ମିତ ହେବ କି ସେହି ପୁରୁଣା ବ୍ରିଜ୍ ମରାମତି ହୋଇ କାର୍ଯ୍ୟକ୍ଷମ ହେବ ତାର ପ୍ଲାନ ପେପର ନ ଦେଖାଇଲେ କାମ କରି ପାରିବେନି ବୋଲି ଭାଜପା କର୍ମୀମାନେ କହିବାରୁ କାମ ବନ୍ଦ ରହିଥିଲା। ଏଥିପାଇଁ କର୍ମୀମାନେ ଗତ ଶନିବାର କଟକ ଜିଲାପାଳ, ଏସ୍‌ପି, ଢେଙ୍କାନାଳ ଏନ୍‌ଏଚ୍‌ଏଆଇ ପ୍ରୋଜେକ୍ଟ ଡାଇରେକ୍ଟର, ଆଠଗଡ଼ ଉପଜିଲାପାଳ ଓ ଖୁଣ୍ଟୁଣୀ ଆଇଆଇସିଙ୍କୁ ଏକ ଦାବିପତ୍ର ଦେଇଥିଲେ। ଫଳରେ ରବିବାର ଏହା ସମସ୍ୟାର ସମାଧାନ ବାହାରିଛି। ଆଲୋଚନାରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଏନ୍‌ଏଚ୍‌ଏଆଇ ଠିକାଦାର, ଢେଙ୍କାନାଳସ୍ଥିତ ପ୍ରୋଜେକ୍ଟ ଡାଇରେକ୍ଟର, ଯୁବ ଭାଜପା କର୍ମୀ ତପନ ପ୍ରଧାନ, ପରେଶ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ସ୍କୁଲ ପଢ଼ାବେଳେ ଇଂଲିଶ କବିତା ଅନୁବାଦ କରୁଥିଲେ ରାଧାମୋହନ

କଟକ,୨୬।୮ (କାର୍ତ୍ତିକ ସାହୁ)

କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର ପ୍ରଖ୍ୟାତ ସାରସ୍ୱତ ସାଧକ ରାଧାମୋହନ ଗଡ଼ନାୟକଙ୍କ ୧୧୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଡ. ତରୁଣ କୁମାର ସାହୁ, ସମ୍ମାନିତ ଅତିଥି ଡ. ସୁନାମଣି ରାଉତ ଓ ସମ୍ମାନିତ ବକ୍ତା ସାହିତ୍ୟିକ ଭାଗବତ ଶୁକ୍ଳ ଭାବେ ଯୋଗଦେଇ ରାଧାମୋହନଙ୍କ ଗୁଣଗାନ କରିଥିଲେ। ରାଧାମୋହନ ଗଡ଼ନାୟକ ସ୍କୁଲରେ ପଢ଼ିବା ବେଳେ ଇଂରାଜୀ କବିତାଗୁଡ଼ିକର ଓଡ଼ିଆ ଅନୁବାଦ କରୁଥିଲେ। କଲେଜରେ ପଢୁଥିବା ସମୟରେ ତାଙ୍କ ଲିଖିତ କାବ୍ୟ ନାୟିକା ସେହି ଶ୍ରେଣୀରେ ପାଠ୍ୟପୁସ୍ତକରେ ପଢ଼ାଯାଉଥିଲା। ଓଡ଼ିଆ ବାଣୀଭଣ୍ଡାରକୁ ତାଙ୍କ ଦାନ ଅତୁଳନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ରବୀନ୍ଦ୍ର ପଣ୍ଡା, ସଚ୍ଚିଦାନନ୍ଦ କର, ସନ୍ଧ୍ୟା ଶତପଥୀ, ନଜରୁଲ ଇସ୍‌ଲାମ, ମନୋଜ କୁମାର ସାହୁ, ମୁକେଶ ସୋନି, ବୈଷ୍ଣବ ପରିଡ଼ା, ସମରେନ୍ଦ୍ର ଘୋଷଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଅଶ୍ୱିନୀ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

**SEA SPRINT SERVICES PRIVATE LIMITED**
K3-783, Maheshtala, Paraganas South, West Bengal - 700 141
Ph: 9229024800, 0612-2311200

**TENDER NOTICE**
No. NINI/SSSPL/MOCK-UP UNIT/2024-25

Sea Sprint Services Private Limited (SSSPL) on behalf of National Inland Navigation Institute (NINI), Patna requests the quotations for following items to be supplied at Crew Training Institute (CTI), Chandabali, Bhadrak, Odisha - 756 133.

| Sl.No. | Particulars | Estimated Cost in Rs. (approx.) |
|---|---|---|
| 1. | Fire Fighting Mock-up Drill Structure with Equipment | 40.00 Lakhs |

Last date of sale of Tender Document is 10.09.2024. Last date of Tender Submission is 10.09.2024 upto 15:00 Hrs. Date of Technical Bid opening is 10.09.2024 at 15:30 Hrs. Cost of Tender Document is Rs. 500/-. The above costs are inclusive of all taxes/excise and for CTI/NINI basis. Tender Document can be obtained by e-mail from info@niniedu.in or by hand at the NINI, Gaighat, Gulzarbagh, Patna during office hours.

SSSPL

# ପ୍ରଥମ ପର୍ଯ୍ୟାୟରେ ୬୬ ଲକ୍ଷପତି ଦିଦିଙ୍କୁ ମିଳିଲା ପ୍ରମାଣ ପତ୍ର

କଟକ ସଦର,୨୬।୮ (ସୁଶାନ୍ତ କୁମାର ଜେନା)

ପ୍ରଧାନମନ୍ତ୍ରୀଙ୍କ ୧୧୩ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସାରା ଦେଶରେ ଲକ୍ଷପତିଦିଦିଙ୍କ ନାମ ଘୋଷଣା ସହ ଆର୍ଥିକ ପ୍ରୋତ୍ସାହନ ଦେବାକୁ ଘୋଷଣା ହୋଇଛି। କଟକ ସଦର ବ୍ଲକର ୨୩ ପଞ୍ଚାୟତରେ ୬୬ ଜଣ ରୋଜଗାରକ୍ଷମ ଦିଦିଙ୍କୁ ମନୋନୀତ କରାଯାଇଛି। ଏହି ମହିଳାଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ୬ ମାସ ତଳେ ବ୍ଲକ ପକ୍ଷରୁ

## ତାଲିକାରେ ଅଯୋଗ୍ୟ ମହିଳାଙ୍କ ନାମ ଥିବା ଅଭିଯୋଗ

ପ୍ରସ୍ତୁତ ସମ୍ଭାବ୍ୟ ତାଲିକାରେ ୭୭୧୯ ଜଣ ମହିଳାଙ୍କ ନାମ ଥିଲା। ମାତ୍ର ଯେଉଁ ମହିଳା ମାସିକ ୯ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରୁଥିବା ସେମାନଙ୍କୁ ଅଧିକ ଆର୍ଥିକ ପ୍ରୋତ୍ସାହନ ଦିଆଯାଇ କାରବାରକୁ ବୃଦ୍ଧି କରାଯିବ। ମିଳିଥିବା ସୂଚନା ଅନୁଯାୟୀ, ଏହି ବ୍ଲକରେ ଖୁବ୍ ବେଶୀ ହେଲେ ୩୬୫ ଜଣ ମହିଳା ମାସିକ ରୋଜଗାର କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ତେଣୁ ସେମାନଙ୍କୁ ଲକ୍ଷପତି ଦିଦିରେ ଅନ୍ତର୍ଭୁକ୍ତ କରାଯିବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଏହି ମନୋନୟନ ତାଲିକାରେ ଅନେକ ଅଯୋଗ୍ୟ ମହିଳାଙ୍କ ନାମ ଥିବା ଅଭିଯୋଗ ହୋଇଛି। ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ ଆସିଲେ ଏହା ଉପରେ ବିଚାର କରାଯିବ ବୋଲି ବିଡିଓ ରୁମାନା ଯାସ୍ମୀ ସୂଚନା ଦେଇଛନ୍ତି।

# ଜଗନ୍ନାଥ ନଗର ବିକାଶ ପରିଷଦର ନୂତନ କର୍ମକର୍ତ୍ତା

**କଟକ,୨୬।୮ (କାର୍ତ୍ତିକ ସାହୁ):** ଜଗନ୍ନାଥ ନଗର ବିକାଶ ପରିଷଦର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସର୍ବସମ୍ମତି କ୍ରମେ ଶ୍ରମିକ ନେତା ସଭାପତି ଅମର ନାୟକ, ଉପସଭାପତି ସୁଜିତ୍ ପଣ୍ଡା, ସମ୍ପାଦକ ମୃତ୍ୟୁଞ୍ଜୟ ମହାନ୍ତି, ଯୁଗ୍ମ ସମ୍ପାଦକ ହୃଷୀକେଶ ପାତ୍ର ଓ ସୁକାନ୍ତ କୁମାର ସାହାଣୀ, ସଂସ୍କୃତି ସମ୍ପାଦକ ସତ୍ୟବ୍ରତ ଦାସ ଓ କୋଷାଧ୍ୟକ୍ଷ ଭାବେ ଅରବିନ୍ଦ ଆଚାର୍ଯ୍ୟ ଚୟନ ହୋଇଛନ୍ତି। ଭାବଗ୍ରାହୀ ରାଉତଙ୍କ ଅଧ୍ୟକ୍ଷତାରେ ଜଗନ୍ନାଥନଗରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସଭାରେ କର୍ମକର୍ତ୍ତାମାନଙ୍କ ସମେତ ୧୧ ଜଣ କାର୍ଯ୍ୟକାରୀ କମିଟି ସଭ୍ୟଙ୍କୁ ଚୟନ କରାଯାଇଛି। ସଭ୍ୟ ଭାବେ ଭାବଗ୍ରାହୀ ରାଉତ, ଅରୁଣ କୁମାର ଲେଙ୍କା, ଉଦୟନାଥ ପୃଷ୍ଟି, ଓମ୍ ପ୍ରକାଶ ମିଶ୍ର, ଅଜିତ କୁମାର ସେଠ, ଯଜ୍ଞେଶ୍ୱର ନାୟକ, ଡ. ନୀହାର ରଞ୍ଜନ ମହାନ୍ତି, ରବୀନ୍ଦ୍ର କୁମାର ନାୟକ, ପୀତବାସ ଦାସ, ଭାଗୀରଥି ପରିଜା ଏବଂ ନିରଞ୍ଜନ ପରିଜାଙ୍କୁ ଚୟନ କରାଯାଇଛି।

# ଶିରିଡ଼ି ସାଇବାବାଙ୍କ ଚଭାଡ଼ି ଶୋଭାଯାତ୍ରା

କଟକ,୨୬।୮ (କାର୍ତ୍ତିକ ସାହୁ)



ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ତିଥିରେ ସୋମବାର ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ରୁଚି ଫ୍ରୋଜିଟ୍ ଡିଭିଜନର ଶ୍ରୀ ଶ୍ରୀ ଶିରିଡ଼ି ସାଇ ମନ୍ଦିର ପକ୍ଷରୁ ବାବାଙ୍କ ଚଭାଡ଼ି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ଅଭିଷେକ, ପୂଜାର୍ଚ୍ଚନା, ମଙ୍ଗଳ ଆଳତି ପରେ ଅପରାହ୍ନରେ ଏକ ସୁସଜ୍ଜିତ ପାଲିଙ୍କିରେ ବାବାଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା। ଘଣ୍ଟଘଣ୍ଟା, ବାଦ୍ୟ ଓ ଭଜନ କୀର୍ତ୍ତନ ମଧ୍ୟରେ ଏକ ଭବ୍ୟ ଶୋଭାଯାତ୍ରାରେ ବାବାଙ୍କୁ ରୁଚି ପରିସରସ୍ଥିତ ଶ୍ରୀଲକ୍ଷେଶ୍ୱର ମନ୍ଦିରକୁ ନିଆଯାଇଥିଲା। ସେଠାରେ ପୂଜାର୍ଚ୍ଚନା ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଏହାପରେ ଖପୁରିଆ ନୂଆପଡ଼ା ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାବାଙ୍କୁ ନଗର ପରିକ୍ରମା କରାଯାଇଥିଲା। ବାବାଙ୍କ ମନ୍ଦିରର ମୁଖ୍ୟ ପୂଜକ ଚିତ୍ତରଞ୍ଜନ ପଣ୍ଡା ଓ ଲକ୍ଷେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ନାରାୟଣ ମହାପାତ୍ର ପୂଜାର୍ଚ୍ଚନା ସହିତ ଆଳତି ପ୍ରଦାନ କରିଥିଲେ। କମିଶନରେଟ୍ ପୋଲିସ୍‌ର ଜୋନ୍-୬ ଏସ୍‌ପି ସ୍ୱସ୍ତିକ୍ ପଣ୍ଡା, ସାଇ ଆଶ୍ରିତା ରଶ୍ମି ସାହୁ, ସଙ୍ଗୀତା ସାହୁ ଓ ସଲିନା ସାହୁ ପ୍ରମୁଖ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ସାଇ ପରିବାର ପକ୍ଷରୁ ଉଲ୍ଲାସ ଚନ୍ଦ୍ର ବେହୁରା, ଜ୍ଞାନରଞ୍ଜନ ରାୟ, ଶ୍ରୀକାନ୍ତ ମହାପାତ୍ର, ଶିଲ୍ପା ଦାସ, ଆଦ୍ୟାଶା ପଟ୍ଟନାୟକ, ପ୍ରିୟାଂଶୁ ପ୍ରକାଶଙ୍କ ସମେତ ବହୁ ଭକ୍ତ ଚଭାଡ଼ି ଶୋଭାଯାତ୍ରାରେ ଯୋଗଦେଇଥିଲେ।

# ବୃକ୍ଷରୋପଣ ଦ୍ୱାରା ପ୍ରଦୂଷଣ ହଟିବ

କଟକ,୨୬।୮ (ଶିଲ୍ପା ପ୍ରିୟଦର୍ଶିନୀ)





ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବୃକ୍ଷରୋପଣ କରାଯାଉଛି।

ବିଜୁ ଯୁବ ଛାତ୍ର ଜନତା ଦଳ ବାରବାଟୀ-କଟକ ପକ୍ଷରୁ ସୋମବାର ଜନ୍ମାଷ୍ଟମୀ ଅବସରରେ ସିଡିଏ ସେକ୍ଟର-୯ସ୍ଥିତ ଜଷ୍ଟିସ ଯୁଗଳ କିଶୋର ପାର୍କଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଛାତ୍ର ବିଜେଡି ସଭାପତି ତଥା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସିଏମ୍‌ସି ପାର୍କ ଆଣ୍ଡ ପ୍ଲାଣ୍ଟେସନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ ଏବଂ ରେଡ୍‌କ୍ରସ ଆୱାରନେସ କମିଟି ଅଧ୍ୟକ୍ଷ ରଞ୍ଜନ ବିଶ୍ୱାଳ ଯୋଗଦେଇ ବୃକ୍ଷ ରୋପଣ କରି ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ କରିବା ଆବଶ୍ୟକ। ଏପରିକି ସମସ୍ତଙ୍କର ଅଧିକରୁ ଅଧିକ ବୃକ୍ଷରୋପଣ କରିବା ଲକ୍ଷ୍ୟ ରହିବା ଆବଶ୍ୟକ। ଏହାଦ୍ୱାରା ପ୍ରଦୂଷଣକୁ ହଟାଯାଇ ପାରିବ ଏବଂ ସୁସ୍ଥ ଜୀବନ ବଞ୍ଚିହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ନଗର ଯୁବ ସଭାପତି ସୌମ୍ୟଦୀପ ଘୋଷ, ରାଜ୍ୟ ସାଧାରଣ ସମ୍ପାଦକ ଜଗତଜ୍ୟୋତି ପଟ୍ଟନାୟକ, ବିଜୁଛାତ୍ର ଜନତା ଦଳର କଟକ ଜିଲା ସଭାପତି ଆଶିଫ ଅମିନ, ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାପାତ୍ର, ନଗର ସଭାପତି ସଞ୍ଜୟ ପଟ୍ଟନାୟକ, ବାରବାଟୀ ଯୁବ ସଭାପତି ସୟଦ୍ ଜଲିଲ, ଜ୍ୟୋତି ରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ପରିଚାଳନା କରିଥିଲେ।

**ଦାଦାବଟି ମାଗି ୨ ଗିରଫ**

ପୁରୀ,(ଅଜିତ୍ କୁମାର ମହାନ୍ତି)-ମାର୍କେଟ ଛକଠାରେ ଅଟୋ ଡ୍ରାଇଭର ଏବଂ ଦୋକାନୀଙ୍କୁ ହତିଆର ଦେଖାଇ ଦାଦାବଟି ମାଗିବା ଅଭିଯୋଗରେ ଟାଉନଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ବରାହୀଲେନ୍‌ର ସ୍ମୃତିରଞ୍ଜନ ପାଣିଗ୍ରାହୀ ଏବଂ ପଥୁରିଆ ସାହିର ସିଡ୍ନ ରାଉତ। ଉଭୟଙ୍କଠାରୁ ଲୁହାରଡ ଓ କଟୁରୀ ଜବତ ହୋଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୩୨୭/୨୪) ରୁଜୁ କରିଛି।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୬।୮।୨୦୨୪

| ୫,୦୧,୪୮୦ ଟଙ୍କା | |
|---|---|
| ସୁନା | ୧୨.୮୦୦ ଗ୍ରାମ୍ |
| ରୁପା | ୬୭.୭୦୦ ଗ୍ରାମ୍ |

# ସାକ୍ଷୀଗୋପାଳ ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଅନୁଦାନ ଦିଆଯିବ

ସାକ୍ଷୀଗୋପାଳ,୨୬।୮ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ୍/ଭରତ ରାଉତ)

ପର୍ଯ୍ୟଟନସ୍ଥଳୀ ସାକ୍ଷୀଗୋପାଳ ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ନିମନ୍ତେ ରାଜ୍ୟ ପର୍ଯ୍ୟଟନ ବିଭାଗ ଆବଶ୍ୟକ ପାଣ୍ଠି ଯୋଗାଇଦେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ମନ୍ଦିରକୁ ଆସୁଥିବା ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ ଉପକୃତ ହୋଇପାରିବେ। ଅନ୍ୟତମ ସମ୍ମାନିତ ଅତିଥି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଐତିହ୍ୟ ସମ୍ପନ୍ନ ସତ୍ୟବାଦୀର ବିକାଶ ଦିଗରେ ଅଗ୍ରାଧିକାର ଦେବ ବୋଲି କହିଥିଲେ। ଏହି ସଭାରେ ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିଜୟ କୁମାର ନନ୍ଦ ସମ୍ପାଦକୀୟ ବିବରଣୀ ପାଠ କରି ସାକ୍ଷୀଗୋପାଳ ମନ୍ଦିରର ବହୁବିଧ ସମସ୍ୟା ସମାଧାନ ନିମନ୍ତେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭା, ସେବାୟତ ଓ ସେମାନଙ୍କ ସନ୍ତାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଡଭୋକେଟ ଅଞ୍ଜନ ହୋତା ସଂଯୋଜନା କରିଥିଲେ। ସଦସ୍ୟ ପ୍ରତାପ ମହାପାତ୍ର, ଉମେଶ ନନ୍ଦ, ରମାକାନ୍ତ ମହାପାତ୍ର, ଜୟକୃଷ୍ଣ ମହାପାତ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଅନ୍ୟ ଅତିଥିମାନେ।

# ସୁନା ଅଳଙ୍କାରରେ ସଜେଇ ହେଲେ ସାକ୍ଷୀଗୋପାଳ

## ଶ୍ରୀକୃଷ୍ଣ ଜନ୍ମୋତ୍ସବରେ ଯୋଗ ଦେଲେ ଉପମୁଖ୍ୟମନ୍ତ୍ରୀ

ସାକ୍ଷୀଗୋପାଳ,୨୬।୮ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ୍/ଭରତ ରାଉତ)

ସାକ୍ଷୀଗୋପାଳ ମନ୍ଦିରରେ ସୋମବାର ଶ୍ରୀକୃଷ୍ଣ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଚଳିତବର୍ଷ ପ୍ରଥମ କରି ଅଁଳାନବମୀରେ ଠାକୁର ପରିଧାନ କରୁଥିବା ପୁରାତନ ସୁବର୍ଣ୍ଣ ଗହଣାରେ ସଜେଇ ହୋଇଛନ୍ତି। ସାକ୍ଷୀଗୋପାଳଙ୍କ ଦୁର୍ଲଭ ଦର୍ଶନ, ପୂଜାର୍ଚ୍ଚନା ଓ ସାଂସ୍କୃତିକ ସମାରୋହ ନିମନ୍ତେ ଶ୍ରଦ୍ଧାଳୁଙ୍କ ବେଶ ସମାବେଶ ହୋଇଥିଲା। ସେବାୟତ ସଂଘ ପକ୍ଷରୁ ଆୟୋଜିତ ଶ୍ରୀକୃଷ୍ଣ ଜନ୍ମୋତ୍ସବ ବିଶ୍ୱଶାନ୍ତି ମହାଯଜ୍ଞ, ଭଜନ ସମାରୋହ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଶ୍ରୀକୃଷ୍ଣ ଶ୍ରୀରାଧା ବେଶରେ ସଜ୍ଜିତ ହେବା ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ନୃତ୍ୟ ସଙ୍ଗୀତ ପରିବେଷଣ କରିଛନ୍ତି। ମନ୍ଦିରକୁ ଫୁଲମାଳ ଓ ଆଲୋକ ମାଳାରେ ସଜାଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟବକ୍ତା ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର, ସମ୍ମାନିତ ଅତିଥି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ରାସବିହାର ଫାଉଣ୍ଡେଶନ ଅଧ୍ୟକ୍ଷ ଧୀରେନ୍ଦ୍ର ଜେନା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସାକ୍ଷୀଗୋପାଳଙ୍କ ଜନ୍ମାଷ୍ଟମୀ ପର୍ବ ପାରମ୍ପରିକ ରୀତିରେ ବିଳମ୍ବିତ ରାତିରେ ପାଳିତ ହୋଇଥିଲା। ବୀରକେଶରୀ ବଲ୍ଲଭ ପରେ ଅଧିବାସ କରାଯାଇ ସୁଗନ୍ଧିତ ଜଳକଳସ ସ୍ଥାପନ କରାଯାଇଥିଲା। ପରେ ଦ୍ୱିପହର ଧୂପରେ ଠାକୁର ନୂତନ ବସ୍ତ୍ର, ଚନ୍ଦନ, ତୁଳସୀ ଲାଗି ହେବା ପରେ ଉପଚାର, ଆଳତି ହୋଇଥିଲା। ଗୋଧନବାହୁଡ଼ା ଭୋଗ ସନ୍ଧ୍ୟା ଧୂପ, ବଡ଼ ସିଂହାର ଧୂପ ପରେ ଗର୍ଭଗୃହରେ ଭଦ୍ରମଣ୍ଡଳ ପକାଯାଇ ଶ୍ରୀକୃଷ୍ଣ ଜନ୍ମବିଧି ଆରମ୍ଭ ହୋଇଥିଲା। ମନ୍ଦିର ପୁରୋହିତ ଗୋପୀନାଥ ଦାଶ, ପୁରୁଣପଣ୍ଡିତ ରାଜକିଶୋର ମହାପାତ୍ର, ପୂଜାପଣ୍ଡା ପିତାମ୍ବର ମହାପାତ୍ର, ସିଂହାରୀ ବିଜୟ ମହାପାତ୍ର, ଭଣ୍ଡାର ମେକାପ ମୃତ୍ୟୁଞ୍ଜୟ ମେକାପ, ପାଳିଆ ପତ୍ରୀ, ରଣଜିତ ପତ୍ରୀ, ଜନ୍ମବିଧି ପାଳନ ଦେବନୀତି ସମ୍ପନ୍ନ କରିଥିଲେ। କୁଆଁ କୁଆଁ ଡାକଦେଇ ନବଜାତ ଶିଶୁକୃଷ୍ଣ ଭୂମିଷ୍ଠ ହେବା ପରେ ବସୁଦେବ ସେକ ନବଜାତ ଶ୍ରୀକୃଷ୍ଣଙ୍କୁ ରୁପାର ପିଙ୍ଗଳରେ ବସାଇ ମନ୍ଦିର ବେଢାରେ କୃତ୍ରିମ ଯମୁନା ନଦୀ ପାର ହୋଇଥିଲେ। କୁନି ଠାକୁର ବର୍ଷାରେ ଓଦା ନ ହେବା ପାଇଁ କାଳିସର୍ପ ଫେଣା ଟେକି ରଖିବା ଦାୟିତ୍ୱ ଭଣ୍ଡାର ମେକାପ ତୁଲାଇଥିବାବେଳେ ଉଗ୍ରସେନ ସେବାରେ ଆପଟ ସେବକ ଗଦାଧର ଖୁଣ୍ଟିଆ ତୁଲାଇଥିଲେ। ଦୋଳାୟମାନ ଶିଶୁକୃଷ୍ଣଙ୍କୁ ଦୋଳାୟମାନ ଓ କୋରାଭୋଗ କରାଯାଇଥିଲା। ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭଜନ ପରିବେଷଣ କରିଥିଲେ। ପୂର୍ବାହ୍ନରେ ସାକ୍ଷୀଗୋପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନେ ଶ୍ରୀରାଧକୃଷ୍ଣ ବେଶରେ ସଜ୍ଜିତ ହେବା ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର, ହତ୍ୟା ପ୍ରତିବାଦରେ କ୍ୟାଣ୍ଡେଲ ଶୋଭାଯାତ୍ରା

କଣାସ,୨୬।୮ (ବିଭୂତି ଭୂଷଣ ତ୍ରିପାଠୀ)

କୋଲକାତାରେ ଘଟିଥିବା ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ପ୍ରତିବାଦରେ ମା' କୁଞ୍ଜେଶ୍ୱରୀଙ୍କ ସମ୍ମୁଖରେ କଣାସ କୁଞ୍ଜେଶ୍ୱରୀ ବ୍ୟବସାୟୀ ସଂଘ ପକ୍ଷରୁ ରବିବାର ସନ୍ଧ୍ୟାରେ ବ୍ୟବସାୟୀମାନେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ଏଥିସହ ଛାତ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମା'ଙ୍କୁ ପ୍ରାର୍ଥନା କରିଥିଲେ। ବ୍ୟବସାୟୀ ସଂଘ ସଭାପତି ଶ୍ରୀକାନ୍ତ ପଟ୍ଟଯୋଷୀ, ସମ୍ପାଦକ ବେଣୁଧର ପାଇକରାୟ, କ୍ୟାସିୟର ସୁବାସ ଚନ୍ଦ୍ର ପ୍ରଧାନ, ମୃଷା ମହାପାତ୍ର, ବାଇଧର ଭୋଳ, ଶ୍ୟାମବନ୍ଧୁ ଭୋଳ, ବସନ୍ତ ମହାପାତ୍ର, ପ୍ରେମାନନ୍ଦ ପ୍ରଧାନ, ଶ୍ରୀନିବାସ ପ୍ରଧାନ, ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ପ୍ରକାଶ ସାମନ୍ତରାୟ ପ୍ରମୁଖ ଶତାଧିକ ବ୍ୟବସାୟୀ ଭାଗ ନେଇଥିଲେ।

### ସାପ ଦଂଶନରେ ବୃଦ୍ଧ ମୃତ

କୋଣାର୍କ,୨୬।୮ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ ରାଉଳପାଟଣା ଗ୍ରାମର ଜମ୍ବେଶ୍ୱର ମୁଦୁଲି(୬୫)ଙ୍କୁ ସାପ କାମୁଡ଼ି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ପୋଲିସ ୧୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ରବିବାର ରାତିରେ ଜମ୍ବେଶ୍ୱର ପରିସ୍ରା କରିବାକୁ ଘର ପଛପଟକୁ ଯାଇଥିଲେ। ଅଗମଳା ଗଦାନିକଟରେ ପରିସ୍ରା ସମୟରେ ଏକ ସାପ ତାଙ୍କ ମୁଣ୍ଡକୁ ଦଂଶନ କରିଥିଲା। ଫଳରେ ଗୁରୁତର ଅବସ୍ଥାରେ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କୋଣାର୍କ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ହସ୍ପିଟାଲକୁ ପଠାଇଥିଲା।

### ୩୦୦ ହିତାଧିକାରୀଙ୍କ ଆଭା ଇ-ଶ୍ରମକାର୍ଡ ବିତରଣ

ଡେଲାଙ୍ଗ,୨୬।୮ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ଅଧୀନ ଗଡମୋଟରୀଠାରେ ଆୟୁଷ୍ମାନ ଭାରତ ଆକାଉଣ୍ଟ ଇ-ଶ୍ରମକାର୍ଡ ବିତରଣ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶାଳୟ ପକ୍ଷରୁ ଡେଲାଙ୍ଗ ମୋଟରୀଠାରେ ଶ୍ରମକାର୍ଡ ବିତରଣ ଉତ୍ସବରେ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଡ.ଧର୍ମେନ୍ଦ୍ର ମିଶ୍ର, ଏମ୍‌ପି ସମ୍ବିତ ପାତ୍ର, ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ପାଢୀଙ୍କ ସମେତ ସ୍ଥାନୀୟ ସରପଞ୍ଚ ମାର୍କଣ୍ଡ ମଙ୍ଗରାଜ ପ୍ରମୁଖ ଇ-ଶ୍ରମକାର୍ଡ ବିତରଣ କରିଥିଲେ। ୩୦୦ ହିତାଧିକାରୀଙ୍କୁ ଏହି କାର୍ଡ ପ୍ରଦାନ କରଯାଇଥିଲା।

### ଐତିହ୍ୟକର୍ମୀଙ୍କୁ ସୁରକ୍ଷା ଦାବି

ପୁରୀ,୨୬।୮ (ଅଜିତ୍ କୁମାର ମହାନ୍ତି)

ଐତିହ୍ୟକର୍ମୀଙ୍କୁ ସୁରକ୍ଷା ଦିଆଯିବାକୁ ଦାବିକରି ଐତିହ୍ୟ ସଂରକ୍ଷଣ ପରିଷଦର ସଦସ୍ୟମାନେ ଜିଲା ଏବଂ ପୋଲିସ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ପରିଷଦ ପକ୍ଷରୁ କୁହାଯାଇଛି, ଗତ ୨୧ ତାରିଖରେ ଶଙ୍କରାନନ୍ଦ ମଠ ଟ୍ରଷ୍ଟବୋର୍ଡର ସଭାପତି ଦୁର୍ଗାପ୍ରସାଦ ମିଶ୍ରଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ତାହା ଐତିହ୍ୟପ୍ରେମୀଙ୍କୁ ଆଘାତ ଦେଇଛି। ମିଶ୍ର ବ୍ୟାଙ୍କ ଚାକିରିରୁ ଅବସର ନେବା ପରେ ଦୀର୍ଘ ପାଞ୍ଚବର୍ଷ ଧରି ନିଷ୍ଠାର ସହ ଉକ୍ତ ଐତିହ୍ୟସମ୍ପନ୍ନ ମଠର ପୁନରୁଦ୍ଧାର ପାଇଁ ପ୍ରୟାସ କରିଆସିଛନ୍ତି। ତାଙ୍କ ଉଦ୍ୟମରେ ମଠର ବିକାଶ ହୋଇଛି। ଏଭଳିସ୍ଥଳେ ତାଙ୍କୁ ଜଣେ ଜବରଦଖଲକାରୀ ଆକ୍ରମଣ କରିବା ସମସ୍ତଙ୍କୁ ମର୍ମାହତ କରିଛି। ଏଭଳି ଘଟଣା ସକାଶେ ଐତିହ୍ୟକର୍ମୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଆକ୍ରମଣକୁ ହତ୍ୟା ଉଦ୍ୟମ ବୋଲି ଧରାଯାଇ କଡ଼ା ଦଣ୍ଡବିଧାନ କରାଯିବା ପାଇଁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଐତିହ୍ୟ ସଂରକ୍ଷଣ ପରିଷଦର ସଭାପତି ବିଷ୍ଣୁପ୍ରସାଦ ତ୍ରିପାଠୀ ଏବଂ ସମ୍ପାଦକ ଦେବୀପ୍ରସନ୍ନ ନନ୍ଦ ଏହି ସୂଚନା ଦେଇଛନ୍ତି।

# 'ଶିଶୁ ମନଲାଖି ସାହିତ୍ୟ ଲେଖାଯିବା ଉଚିତ'



ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଶିଶୁ କିଶୋର ସାହିତ୍ୟ ଏକାଡେମୀର ବାର୍ଷିକ ଉତ୍ସବ, ବିଭିନ୍ନ ପୁସ୍ତକ ଉନ୍ମୋଚିତ**

ପୁରୀ, ୨୬।୮ (ଅଜିତ୍ କୁମାର ମହାନ୍ତି)

ଜନ୍ମାଷ୍ଟମୀ ଅବସରରେ ସୋମବାର ସଂସ୍କୃତି ଭବନରେ ଶିଶୁ କିଶୋର ସାହିତ୍ୟ ଏକାଡେମୀର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଶିଶୁ ସାହିତ୍ୟିକ ଡ. ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ଡ. ମନୀନ୍ଦ୍ର ମହାନ୍ତି ଓ ବୀରେନ୍ଦ୍ର ସାମନ୍ତରାୟ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସତ୍ୟନାରାୟଣ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶିଶୁଶିଳ୍ପୀ ଆରଭି ପଟ୍ଟନାୟକଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଡ. ହେମନ୍ତ ଛୋଟରାୟ ଅତିଥି ପରିଚୟ ଏବଂ ଏକାଡେମୀର ସାଧାରଣ ସମ୍ପାଦକ ବୀରେନ୍ଦ୍ର ମହାନ୍ତି ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଉତ୍ସବରେ ଧନଞ୍ଜୟ ସ୍ୱାଇଁଙ୍କ କରଣି ନୁହେଁ କଲମ ଧର, ହରିହର ଶୁକ୍ଳଙ୍କ ଗପର ମହକ ଗୀତର ମହୁ, ସଂଗ୍ରାମ କେଶରୀ ପୃଷ୍ଟିଙ୍କ ଆ'ରେ ଠେକୁଆ ଆ, ପ୍ରଭାତ ଚନ୍ଦ୍ର ରଥଙ୍କ ଆମ ଜେଜେଙ୍କ ମଜାଗପ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉତ୍ସବରେ ଉଦ୍‌ବୋଧନ ଦେଇ ଅତିଥିମାନେ କହିଥିଲେ, ପିଲାମାନଙ୍କ ପାଇଁ ରଚିତ ସାହିତ୍ୟ ଉଭୟ ଆନନ୍ଦ ଓ ଦାୟିତ୍ୱର ସାହିତ୍ୟ ହେବା ଉଚିତ। ଏଭଳି ସାହିତ୍ୟ ରଚନା କରାଯାଉ, ଯାହା ଶିଶୁ ମନଲାଖି ହେବା ସହ ପୂର୍ବ ପିଢ଼ି ପାଇଁ ଉତ୍ତରଦାୟିତ୍ୱ ବହନ କରୁଥିବ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଗାଳ୍ପିକ ପରେଶ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଏକାଡେମୀର ପ୍ରାତଃ ଅଧିବେଶନ ପ୍ରଭାତ ଚନ୍ଦ୍ର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କ୍ରିଷ୍ଣା ମହାପାତ୍ର, ଆଶାଲତା ପ୍ରଧାନ, ମନୋରମା ପାତ୍ର, ଧ୍ରୁବ ଚରଣ, ସବିତା ଭୋଇ, ବିରଞ୍ଚି ନାରାୟଣ ଦାଶ, ପ୍ରଭାସିନୀ ମିଶ୍ରଙ୍କ ସଂଯୋଜନାରେ ଶିଶୁ ସାହିତ୍ୟିକମାନେ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରମେଶ ଚନ୍ଦ୍ର ଦାଶ, ମିନତି ପଟ୍ଟନାୟକ, କବିତା ମିଶ୍ର, ଲକ୍ଷ୍ମୀପ୍ରିୟା ଦାଶ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଏକାଡେମୀର ଉପସଭାପତି ମହେନ୍ଦ୍ର କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ସାନଭାଇ, ଭାଇବୋହୂଙ୍କୁ ବଡ଼ ଭାଇଙ୍କ ହତ୍ୟା ଧମକ

ବଳଙ୍ଗା,୨୬।୮ (କେଦାରେଶ୍ୱର ନନ୍ଦ)

ଥାନା ଅଧୀନ ବାଲିପୋଖରୀ ଗ୍ରାମରେ ସାନ ଭାଇ ଓ ଭାଇବୋହୂଙ୍କୁ ବଡ଼ଭାଇ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏପରି ଅଭିଯୋଗ ପାଇ ପୋଲିସ ମାମଲାର ତଦନ୍ତ ଚଳାଇଛି। ୨୩୨/୨୪ରେ ଦଫା ୨୯୬.୧୧୫(୨), ୨୨୩.୩୫୧(୨), ୩(୫) ବିଏନ୍‌ଏସ୍ ଆକ୍ଟରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ବାଲିପୋଖରୀ ଗ୍ରାମର ଗଣେଶ ନାୟକ ଅଭିଯୋଗ କରିଛନ୍ତି, ତାଙ୍କ ଭାଇ ସମ୍ପତ୍ତି ଭାଗକୁ ନେଇ ସିଭିଲ କୋର୍ଟରେ ପୂର୍ବରୁ ସ୍ଥିତାବସ୍ଥା କାଏମ ଥିବାବେଳେ ଚାଷ ଜମି ପଡ଼ିଆ ପଡ଼ିଛି। ଗତ ୨୨ ତାରିଖରେ ଗଣେଶଙ୍କ ଭାଇ ସୁରେନ୍ଦ୍ର ନାୟକ, ସୁକେଶ ନାୟକ ଓ ରମେଶ ନାୟକ ସକାଳ ୭ଟାରେ ବିଲ ହିଡ଼ କଟି କରୁଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ସେହିଦିନ ରାତି ୨ଟା ସମୟରେ ଲୁଚି କରି ଗଣେଶଙ୍କ ଭାଇମାନେ ବିଲରେ ଟ୍ରାକ୍ଟର ଚଳାଇବା ଖବର ପାଇ ଗଣେଶଙ୍କ ପୁଅ ଓ ବୋହୂ ପହଞ୍ଚି ଏହାକୁ ବାରଣ କରିଥିଲେ। ଫଳରେ ଗଣେଶଙ୍କ ଭାଇମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଗଣେଶଙ୍କ ପୁଅ ଓ ବୋହୂ ଜୀବନ ବଞ୍ଚାଇ ସେଠାରୁ ପଳାଇ ଆସିଥିଲେ। ପରଦିନ ଗଣେଶଙ୍କ ଭାଇମାନେ ତାଙ୍କୁ ଘରୁ ବାହାର କରି ନ ଦେବାରୁ ସେମାନେ ଥାନାରେ ଅଭିଯୋଗ କରିଛନ୍ତି।

### ବରିଷ୍ଠ ନାଗରିକଙ୍କ ପାଇଁ ହେଉ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

ପୁରୀ,୨୬।୮ (ଅଜିତ୍ କୁମାର ମହାନ୍ତି)

ଓଡ଼ିଶାର ସଂଖ୍ୟାଧିକ ବୃଦ୍ଧାବୃଦ୍ଧ ଉଚିତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯୋଜନା ଆରମ୍ଭ କରିବା ଆବଶ୍ୟକ ବୋଲି ଓଡ଼ିଶା ଯୁବ ଚେତନା ସଙ୍ଗଠନ ମତ ଦେଇଛି। ପୁରୀ ଭକ୍ତନିବାସ ସମ୍ମିଳନୀ କକ୍ଷରେ ଅଧିବକ୍ତା ଦେବାଶିଷ ଦାସଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଯୁବ ଚେତନା ସଙ୍ଗଠନ, ନିର୍ଭୟ ଏବଂ ଦିବାକର ତ୍ରିପାଠୀ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ତୈଳ ନିଗମର ନିର୍ଦ୍ଦେଶକ ସୁଦୀପ୍ତ ରାୟ, ସମାଜସେବୀ ବଦ୍ରି ମିଶ୍ର, ଶ୍ୟାମସୁନ୍ଦର ମହାପାତ୍ର, ଖବରଦାତା ପ୍ରଦୀପ୍ତ କୁମାର ମହାନ୍ତି, ନିରଞ୍ଜନ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସଂଗଠକ ଶିବରାମ ପ୍ରଧାନ, ବଳରାମ ବଡ଼ଦଳେଇ, କେଦାରନାଥ ନାୟକ, ବିନାୟକ ମିଶ୍ର ଓ ଭୁବନେଶ୍ୱର ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବନ୍ଧ ରଚନା ପାଇଁ ଡାକ୍ତର ସନ୍ଧିସ୍ମା ମହାପାତ୍ର, ଶିବଶିରିଶ ସ୍ୱାମୀ, ସତ୍ୟବ୍ରତ ଜେନା ଏବଂ ବିଦ୍ୟାଳୟ ସ୍ତରରେ ସ୍ନେହସ୍ୱିନୀ ବେହେରା, ନୂପୁର ନିର୍ଲିପ୍ତା ସାହୁ, ସୁଚିସ୍ମିତା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ରାଜଶ୍ରୀ ଦାସମହାପାତ୍ର ଧନ୍ୟବାଦ ଦେଇଥିଲେ।

# 'ଭାବ, ଭକ୍ତିର ଠାକୁର ଶ୍ରୀଜଗନ୍ନାଥ'

ପୁରୀ,୨୬।୮ (ଅଜିତ୍ କୁମାର ମହାନ୍ତି)

ଜଗନ୍ନାଥ ବଲ୍ଲଭଠାରେ ସୋମବାର ଜନ୍ମାଷ୍ଟମୀ ଉପଲକ୍ଷେ ଶ୍ରୀକ୍ଷେତ୍ରାଧିପତି ଆଧ୍ୟାତ୍ମିକ ଜ୍ୟୋତିର୍ବାସ୍ତୁ ପ୍ରତିଷ୍ଠାନ ପକ୍ଷରୁ ଭାବ ଓ ଭକ୍ତିର ଠାକୁର ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଡ. ବଳରାମ ଦାଶ ଅଧ୍ୟକ୍ଷତା କରି ଭାବରୁ ଭକ୍ତି ଓ ଏହି ଭକ୍ତିରେ ସମର୍ପଣ ଭାବ ହିଁ ମୁକ୍ତିର ମାର୍ଗ ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦକ ଅଧ୍ୟାପକ ଦୟାନିଧି ପଣ୍ଡା ଜଗନ୍ନାଥାଷ୍ଟକମ ପାଠ କରି ତତ୍ତ୍ୱର ବ୍ୟାଖ୍ୟା କରିଥିଲେ। ଆଲୋଚନାଚକ୍ରରେ ମୁଖ୍ୟବକ୍ତା ରୂପେ ମାନସ ରଞ୍ଜନ ମହାପାତ୍ର, ନିମନ୍ତ୍ରିତ ଅତିଥି ରୂପେ ରାଧେଶ୍ୟାମ ରଥ, ପୂର୍ଣ୍ଣଚନ୍ଦ୍ର ସାହୁ, ଦଣ୍ଡପାଣି ମହାପାତ୍ର, ବାସୁଦେବ ସାହୁ ପ୍ରମୁଖ ଯୋଗଦେଇ ମହାଭାରତ, ରାମାୟଣ, ପ୍ରାଚୀନ ପୁରାଣ ଶାସ୍ତ୍ର ସମ୍ପର୍କରେ ଆଲୋଚନା କରି ଭାବ ଓ ଭକ୍ତି ବଳରେ ହିଁ ପ୍ରଭୁ କୃପା ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ ସମ୍ପର୍କରେ ଆଲୋଚନା କରି ପରଂବ୍ରହ୍ମ ଶ୍ରୀଜଗନ୍ନାଥ ସ୍ୱୟଂ କୃଷ୍ଣ ଓ ପ୍ରଭୁଙ୍କର ଜନ୍ମାଷ୍ଟମୀ ଏକ ମାନବୀୟ ଲୀଳା ବୋଲି କହିଥିଲେ। ଆଲୋଚନା ଚକ୍ରରେ ଅନ୍ନପୂର୍ଣ୍ଣା କର, ପ୍ରଦ୍ୟୁମ୍ନ କୁମାର କର, ଯୁଗଜ୍ୟୋତି ପଣ୍ଡା, ନରେନ୍ଦ୍ର କୁମାର ଜେନା, ବୀଣାପାଣି କର, କୋଟେଶ୍ୱର ପାତ୍ର, ଅଂଶୁମାନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶରତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପ୍ରଭୁ ଶ୍ରୀଗୋପୀନାଥ ଦେବଙ୍କ ଜନ୍ମାଷ୍ଟମୀ ମହୋତ୍ସବ

ନିମାପଡ଼ା,୨୬।୮ (ବିଚିତ୍ରାନନ୍ଦ ସାହୁ)



ନିମାପଡ଼ା ଅଞ୍ଚଳର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଗୋପୀନାଥ ଦେବଙ୍କ ଜନ୍ମୋଷ୍ଟମୀ ଉତ୍ସବ ଭାଦ୍ରବ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ସୋମବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଶହ ଶହ ସଂଖ୍ୟାରେ ବ୍ରତଧାରୀ ମହିଳା ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମନ୍ଦିରରେ ପ୍ରଭୁ ଶ୍ରୀଗୋପୀନାଥଙ୍କୁ ଦର୍ଶନ କରି ଦୀପ ବସାଇ ପୂଜାର୍ଚ୍ଚନା ସହ ଭୋଗ କରିଥିଲେ। ସକାଳେ ଠାକୁରଙ୍କ ମଙ୍ଗଳ ଆଳତି, ମଇଲମ, ମହାସ୍ନାନ ପରେ ବାଲଭୋଗ, ମଧ୍ୟାହ୍ନରେ ଅନ୍ନ ଭୋଗ, ସନ୍ଧ୍ୟା ଆଳତି, ରାତିରେ ଅନ୍ନ ଧୂପ ସମେତ ଠାକୁରଙ୍କ ନୀତିକାନ୍ତି ସମାପନ ହୋଇଥିବା ପୂଜକ ବ୍ରଜକିଶୋର ପଣ୍ଡା କହିଛନ୍ତି। ଗୋପୀନାଥଙ୍କ ଦର୍ଶନ ପାଇଁ ସକାଳୁ ରାତି ପର୍ଯ୍ୟନ୍ତ ମନ୍ଦିରରେ ଭକ୍ତଙ୍କଙ୍କୁ ପ୍ରବଳ ଭିଡ଼ ଜମିଥିଲେ। ସନ୍ଧ୍ୟାରେ ଶ୍ରୀମଦ ଭାଗବତ ପାଠ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ପ୍ରସିଦ୍ଧା କଳାକାର, ସଙ୍ଗୀତଙ୍କଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ନବମୀ ତିଥିରେ ପ୍ରଭୁ ବାଲକୃଷ୍ଣଙ୍କ ଦୋଳିରେ ଏହି ଝୁଲଣ କରାଯିବ ବୋଲି ପୂଜକ ପଣ୍ଡା କହିଛନ୍ତି।

# ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ

ପୁରୀ,୨୬।୮ (ଅଜିତ୍ କୁମାର ମହାନ୍ତି)




ସ୍ଥାନୀୟ ବଳଗଣ୍ଡି ଛକସ୍ଥିତ ହାତୀ ଆଖଡ଼ା ମଠ ପରିସରରେ ସୋମବାର ଧର୍ମ ଜାଗରଣ ମଞ୍ଚ ପୁରୀ ଜିଲା ତରଫରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ୧୬ତମ ଧର୍ମରକ୍ଷା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାରାଜ ରାଷ୍ଟ୍ରୀୟ ଧର୍ମାଚାର୍ଯ୍ୟ ପ୍ରମୁଖ ଗୋପାଳକୃଷ୍ଣ ଜୀ ଏବଂ ମୁଖ୍ୟବକ୍ତା ଭାବେ କ୍ଷେତ୍ରୀୟ ପ୍ରଚାରକ ଧର୍ମ ଜାଗରଣ ପ୍ରମୁଖ ବିନୟ କୁମାର ଭୂୟାଁ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶରୀରକୁ ଭାରତ ସହିତ ତୁଳନା କରି ମୁଣ୍ଡକୁ ଜମ୍ମୁକଶ୍ମୀର, ପାଦକୁ କେରଳ ଓ ପେଟକୁ ମଧ୍ୟପ୍ରଦେଶ ବୋଲି ବିବେଚନା କରି କହିଥିଲେ ଯେ, କଶ୍ମୀର ଆକ୍ରମଣ ଅର୍ଥାତ୍ ଆମ ମୁଣ୍ଡରେ ଆକ୍ରମଣ। ତେଣୁ ଆମେ ସତର୍କ ହେବା ସହ ଏହାର ମୁକାବିଲା କରିବା ଉଚିତ। ସମ୍ମାନିତ ଅତିଥି ଭାବେ ଅଖିଳ ଭାରତୀୟ ସଂସ୍କୃତି ପ୍ରମୁଖ ରାଜେନ୍ଦ୍ର ଶ୍ରୀବାସ୍ତବ, ପ୍ରାନ୍ତଧର୍ମ ଜାଗରଣ ପ୍ରମୁଖ ଆଲୋକ ଖଟୁଆ, ସଦ୍‌ଭାବନା ପ୍ରମୁଖ ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାରେ ଧର୍ମାନ୍ତରୀକରଣ ବଢୁଛି, ତେଣୁ ହିନ୍ଦୁଙ୍କୁ ସଚେତନ କରିବାକୁ ସବୁ ସ୍ଥାନରେ ସମିତି ଗଠନ କରାଯିବାକୁ ସେମାନେ ମତ ଦେଇଥିଲେ। ଶେଷରେ ଜିଲା ସଂଯୋଜକ ବାମଦେବ ନାୟକ ଧନ୍ୟବାଦ ଦେଇଥିଲେ।

**SEA SPRINT SERVICES PRIVATE LIMITED**
K3-783, Maheshtala, Paraganas South, West Bengal - 700 141
Ph: 9229024800, 0612-2311200

**TENDER NOTICE**
No. NINI/SSSPL/MOCK-UP UNIT/2024-25

Sea Sprint Services Private Limited (SSSPL) on behalf of National Inland Navigation Institute (NINI), Patna requests the quotations for following items to be supplied at Crew Training Institute (CTI), Chandabali, Bhadrak, Odisha - 756 133.

| Sl.No. | Particulars | Estimated Cost in Rs. (approx.) |
|---|---|---|
| 1. | Fire Fighting Mock-up Drill Structure with Equipment | 40.00 Lakhs |

Last date of sale of Tender Document is 10.09.2024. Last date of Tender Submission is 10.09.2024 upto 15:00 Hrs. Date of Technical Bid opening is 10.09.2024 at 15:30 Hrs. Cost of Tender Document is Rs. 500/-. The above costs are inclusive of all taxes/excise and for CTI/NINI basis. Tender Document can be obtained by e-mail from info@niniedu.in or by hand at the NINI, Gaighat, Gulzarbagh, Patna during office hours.
SSSPL

### ରେଳଷ୍ଟେଶନରୁ ଉଦ୍ଧାର ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ପୁରୀ,୨୬।୮ (ଅଜିତ୍ କୁମାର ମହାନ୍ତି)

ପୁରୀ ରେଳଷ୍ଟେଶନରୁ ରେଲୱେ ପୋଲିସ ଉଦ୍ଧାର କରିଥିବା ଅଜଣା ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଉକ୍ତ ବ୍ୟକ୍ତିଜଣକ ରବିବାର ସକାଳୁ ପୁରୀ ରେଳଷ୍ଟେଶନକୁ ଆସିଥିଲେ। ହଠାତ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରି ପୁରୀ ଡାକ୍ତରଖାନାକୁ ପଠାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁରୀ ଜିଆରପି ଥାନାରେ ଏ ନେଇ ୨୮/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୁରୀ ଡାକ୍ତରଖାନାରେ ମୃତଦେହ ରଖାଯାଇଛି। କୌଣସି ବ୍ୟକ୍ତି ଜାଣିଥିଲେ,୯୪୩୭୭୯୧୬୬୬ ନମ୍ବରରେ ଯୋଗାଯୋଗ କରିବାକୁ ଜିଆରପି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# 'କୋଣାର୍କ ଓଡ଼ିଶା' ପରିବାର ପକ୍ଷରୁ ସାହିତ୍ୟ ଆସର

ପୁରୀ, ୨୬।୮ (ଅଜିତ କୁମାର ମହାନ୍ତି)

ଫେରି ନ ଯାଇ ସବୁବେଳ ପାଇଁ ରହିଯାଅ ମୌସୁମୀ, ତୁମକୁ ଦେଖି ଶସ୍ୟଶ୍ୟାମଳା ହୋଇଯାଉ ଧାନକ୍ଷେତ, କଳରବ କରିଚାଲନ୍ତୁ ପକ୍ଷୀ, ହସିଉଠୁ ନଦ-ନଦୀ ଆଉ ମନସ୍କ ହୋଇଯାଆନ୍ତୁ କବି। ଏପରି ଏକ ଆହ୍ୱାନ ସହ ଓଡ଼ିଶାର ଅନନ୍ୟ ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ 'କୋଣାର୍କ ଓଡ଼ିଶା' ପରିବାର ପକ୍ଷରୁ ଆରମ୍ଭ ହୋଇଛି ମୌସୁମୀ ସାହିତ୍ୟ ଆସର। କବି କପିଳେଶ୍ୱର ଖମାରୀଙ୍କ ସଭାପତିତ୍ୱରେ ପୁରୀ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ରବିବାର ମୌସୁମୀ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦଘାଟକ ଭାବେ ବୈଜ୍ଞାନିକ ଉମାକାନ୍ତ ଜେନା, ମୁଖ୍ୟ ଅତିଥି ଭାବେ ଡ. କୈଳାଶ ଚନ୍ଦ୍ର ଚିକାୟତରାୟ, ମୁଖ୍ୟବକ୍ତା ଭାବେ ଇଂ ଯାମିନୀକାନ୍ତ ଦାସ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୀତିକାର ବଦ୍ରି ମିଶ୍ର, କବି ସୂର୍ଯ୍ୟ ମିଶ୍ର, ବ୍ୟଙ୍ଗକବି ମନୋରଞ୍ଜନ ସାହୁ, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ମହାନ୍ତି ଯୋଗଦେଇ ସାଂପ୍ରତିକ ସମାଜ ବ୍ୟବସ୍ଥାକୁ ନେଇ ଅଧିକ କବିତା ସୃଷ୍ଟି ହେବା ସହ ଆଗାମୀ ଦିନରେ ରାଜ୍ୟସ୍ତରୀୟ ଯୁବ କବି ପ୍ରଶିକ୍ଷଣ ସମାବେଶ କରିବାର ପ୍ରସ୍ତାବ ଦେଇଥିଲେ। ସମ୍ପାଦକ ବିଚିତ୍ର ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ୫୦ଜଣ କବି, ଗାଳ୍ପିକ ଓ ଗୀତିକାର ଯୋଗଦେଇଥିଲେ। କବିତା ଆସର ସଞ୍ଚାଳନ କରିଥିଲେ ସର୍ବାଣୀ ଦାସ, ଡ. ପ୍ରୀତିପଦ୍ମା ପଣ୍ଡା ଓ ସବିତା ମହାରଣା। ଶିବାନନ୍ଦ ବାରିକ୍ ଓ ଜ୍ୟୋତିରଞ୍ଜନ ବାରିକ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅଞ୍ଜୁ ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ।

# ଘୋରଡ଼ିଆରେ ଖୋଲିଲା ଅସ୍ଥାୟୀ ପୋଲିସ ସହାୟତା କେନ୍ଦ୍ର

ଡେଲାଙ୍ଗ,୨୬।୮ (ରଶ୍ମିରଞ୍ଜନ ପ୍ରଧାନ)



ଡେଲାଙ୍ଗ ଥାନା ଅଞ୍ଚଳର ଘୋରଡିଆ ଡାକବଙ୍ଗଳା ମଧ୍ୟରେ ଅସ୍ଥାୟୀ ପୋଲିସ ସହାୟତା କେନ୍ଦ୍ର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ସହାୟତା କେନ୍ଦ୍ରକୁ ପୁରୀ ଜିଲା ଏମ୍‌ପି ଡ.ସମ୍ବିତ ପାତ୍ର, ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ର ନିକଟ ଆଖପାଖ ଅଞ୍ଚଳରେ ଉପୁଜୁଥିବା ଆଇନ ଶୃଙ୍ଖଳାର ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସଫଳ ହେବ ବୋଲି ମୁଖ୍ୟଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ମିଶ୍ର ସୂଚନା ଦେଇଥିଲେ। ସହାୟତ କେନ୍ଦ୍ରରେ ଜଣେ ପୋଲିସ ଅଫିସରଙ୍କ ସମେତ ୩ ଜଣ କନଷ୍ଟେବଳ ଓ ୨ ଜଣ ହୋମଗାର୍ଡ ନିଯୁକ୍ତ ହୋଇଛନ୍ତି। ଏଏସ୍‌ଆଇ ଗୋପକୃଷ୍ଣ ରାଉତ ସହାୟତା କେନ୍ଦ୍ରର ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଡେଲାଙ୍ଗ ଥାନା ଅଧୀନରେ ଡେଲାଙ୍ଗ ହାଟ ଓ ହରିରାଜପୁର ୨ଟି ଫାଣ୍ଡି ରହିଥିବା ସତ୍ତ୍ୱେ ଏହି ସ୍ଥାନଟି ଥାନାଠାରୁ ବହୁତ ଦୂରରେ ଅବସ୍ଥିତ। ଘଟଣା ଦୁର୍ଘଟଣା ସମୟରେ ପୋଲିସକୁ ସେଠାରେ ପହଞ୍ଚିବାରେ ବିଳମ୍ବ ହେଉଥିଲା। ସ୍ଥାନୀୟ ଲୋକମାନେ ଏଠାରେ ଏକ ଫାଣ୍ଡି ଖୋଲିବାକୁ ଅନେକ ଦିନ ହେଲା ବାରମ୍ବାର ଦାବି କରି ଆସୁଥିଲେ। ଘଣ୍ଟିପୁର, ସାଉଡିଆ ଓ କଲ୍ୟାଣପୁର ପଞ୍ଚାୟତବାସୀଙ୍କୁ ଏହି ସହାୟତା କେନ୍ଦ୍ର ସେବା ଯୋଗାଇବ। ପୁରୀ ଜିଲା ଅଧୀକ୍ଷକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଅତିରିକ୍ତ ଅଧୀକ୍ଷକ ବିଷ୍ଣୁପ୍ରସାଦ ପତି, ଦେବବ୍ରତ ଚକ୍ର, ଡେଲାଙ୍ଗ ଥାନା ଅଧିକାରୀ ଦେବାଶିଷ ମହାନ୍ତି, ପିପିଲି ଥାନା ଅଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ, କଣାସ ଥାନା ଅଧିକାରୀ ରାକେଶ ତ୍ରିପାଠୀ, ସତ୍ୟବାଦୀ ଥାନା ଅଧିକାରୀ ଉମେଶଚନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ ପ୍ରତିମା ପାତ୍ର, ସାମାଜିକ କର୍ମୀ କମ୍ବୁର ମହମ୍ମଦ, ରମେଶ ପାଟ୍ଟଶାଣୀ ପ୍ରମୁଖ ଉପସ୍ଥିତ ଥିଲେ। ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ଅତିଥି ପରିଚୟ ଓ ହୃଷୀକେଶ ବଳିୟାରସିଂ ସଭା ସଂଯୋଜନା କରିଥିଲେ। ସହାୟତା କେନ୍ଦ୍ର ପରିସରରେ ପାଇଁ ଖୁବ୍‌ଶୀଘ୍ର ସିସିଟିଭି ଲଗାଇବା ଓ ସ୍ଥାୟୀ ଗୃହ ନିର୍ମାଣ କରିବାକୁ ସ୍ଥାନୀୟ ବିଧାୟକ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡେଲାଙ୍ଗ ହାଟ ଫାଣ୍ଡି ଅଧିକାରୀ ଧନପତି ପିଙ୍ଗ, ଏସ୍‌ଆଇ କେଲୁଚରଣ ଜେନା, ଗୌରୀଶଙ୍କର ସେଠୀ, ଗୃହରକ୍ଷୀ ପ୍ରମୋଦ ସେଠୀ, ପ୍ରବିକେଶ ପରିଡ଼ା, ସାମାଜିକ କର୍ମୀ ଚିତ୍ରସେନ ନିଶଙ୍କ, ଲିଳେନ୍ଦ୍ର ଜେନା, ପ୍ରକାଶ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆକ୍ରମଣ କରି ଟଙ୍କା ଲୁଟ୍: ୨ ଗିରଫ

ଭୁବନେଶ୍ୱର,୨୬।୮(ସୂର୍ଯ୍ୟକାନ୍ତ ବେହେରା)

ରାସ୍ତାରେ ଅଟକାଇ ଆକ୍ରମଣ କରିବା ସହ ଭୁଜାଲି ଦେଖାଇ ଲଙ୍କା ଲୁଟିନେବା ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱରରେ ରହୁଥିବା ବାଲେଶ୍ୱରର ଜଗନ୍ନାଥ ପାତ୍ର ଓ ପୁରୀର ଆଶିଷ କୁମାର ବେହେରା। ଆକ୍ରମଣର ଶିକାର ଜଗନ୍ନାଥ ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି।

ସୂଚନାନୁସାରେ, ଜଗନ୍ନାଥ ସୋମବାର ରାତି ପାଖାପାଖି ୧୦ଟାରେ ନିଜ ଘରକୁ ଏକ କାରରେ ଫେରୁଥିବା ସମୟରେ ଦୁଇ ଅଭିଯୁକ୍ତ ଏକ ପଲ୍‌ସରରେ ଆସି ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ଜଗନ୍ନାଥ ବିରୋଧ କରିବାରୁ ଅଭିଯୁକ୍ତଦ୍ୱୟ ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏହାସହ ଏକ ଭୁଜାଲି ଦେଖାଇ ହତ୍ୟା ଧମକ ଦେଇଥିଲେ। ଜଗନ୍ନାଥ ଭୟଭୀତ ହୋଇ ସେମାନଙ୍କୁ ୧୫୦୦ ଟଙ୍କା ସହ ୟୁପିଆଇ ଜରିଆରେ ୫ ହଜାର ଟଙ୍କା ଦେଇଥିଲେ। ଏନେଇ ଜଗନ୍ନାଥ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଦୁହିଁଙ୍କୁ ଗିରଫ କରିଥିଲା।

# ପୋଲିସ ସେବା ଭବନ ଆଗରେ ଡିଜେ ମାଲିକଙ୍କ ଧାରଣା



### ଭସାଣିରେ କଟକଣାକୁ ବିରୋଧ

ଭୁବନେଶ୍ୱର,୨୬।୮(ସୂର୍ଯ୍ୟକାନ୍ତ ବେହେରା)

ଗଣେଶ ପୂଜା ଭସାଣିରେ ଡିଜେ ଉପରେ ଲଗାଯାଇଥିବା କଟକଣାକୁ ନେଇ ରାଜଧାନୀରେ ସାଉଣ୍ଡ୍ ସିଷ୍ଟମ୍ ମାଲିକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ଭସାଣିରେ ଅନୁମତି ଦେବାକୁ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଓ ଡିସିପି ପ୍ରତୀକ ସିଂଙ୍କ ସହ ୪ଦିନ ତଳେ ଆଲୋଚନା କରାଯାଇଥିଲେ ମଧ୍ୟ ସେଥିରେ କୌଣସି ପୁନଃବିଚାର ନ ହେବାରୁ ସୋମବାର ମାଲିକମାନେ ଅସନ୍ତୋଷ ପ୍ରକାଶ କରି ପୋଲିସ ସେବା ଭବନ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଡିଜେକୁ ବାରଣ କରାଯାଇଥିବାରୁ ଗତ ୫ ବର୍ଷ ହେବ କେବଳ ୪ଟି ବକ୍ସରେ ୬୫ ଡେସିବଲ ମଧ୍ୟରେ ସାଉଣ୍ଡ ବଜାଯାଉଛି। କିନ୍ତୁ କମିଶନରେଟ ପୋଲିସ ସାଉଣ୍ଡ ମାଲିକମାନଙ୍କ ସହ କୌଣସି ଆଲୋଚନା ନ କରି ଏଭଳି ଏକପାଖିଆ ନିଷ୍ପତ୍ତି ନେଇଥିବାରୁ ସାଉଣ୍ଡ ସିଷ୍ଟମ କରି ପରିବାର ପ୍ରତିପୋଷଣ କରୁଥିବା ମାଲିକଙ୍କ ପେଟକୁ ସିଧା ଲାତ ମାରିଥିବା ଅଭିଯୋଗ ହୋଇଛି। ଏହାସହ ଯେଉଁମାନେ ବି ନିୟମ ବାହାରେ ଯିବେ, ଉକ୍ତ ସାଉଣ୍ଡ ମାଲିକଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଡିଜେ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଛି। ତେଣୁ ଆଗାମୀ ଦିନରେ ଏହା ଉପରେ କୌଣସି ବିଚାର କରା ନ ଗଲେ ସାରା ରାଜ୍ୟରେ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଡିଜେ ମାଲିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପଟେ ଡିଜେ ମାଲିକଙ୍କୁ ଭିତରକୁ ଡାକି ପୋଲିସ କମିଶନର ଆଲୋଚନା କରିବା ପରେ ଧାରଣାରୁ ଡିଜେ ମାଲିକମାନେ ହଟିଥିଲେ।

ସୂଚନାନୁସାରେ ଚଳିତ ବର୍ଷ ସେପ୍ଟେମ୍ବର ୭ରେ ହେବାକୁ ଥିବା ଗଣେଶ ପୂଜାକୁ ସହରରେ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ନେଇ ଭୁବନେଶ୍ୱର କମିଶନରେଟ ପୋଲିସ ପକ୍ଷରୁ କଟକଣା ଜାରି କରାଯାଇଛି। ଭସାଣି ଉତ୍ସବରେ ପାରମ୍ପରିକ ବାଦ୍ୟ ବଜେଇବା ଉପରେ ଗୁରୁତ୍ୱ ଦିଆଯିବା ସହ ଡିଜେ ସାଉଣ୍ଡ ବ୍ୟବହାରକୁ ବାରଣ କରାଯାଇଛି। କମିଶନରେଟ ପୋଲିସ ଓ ରାଜଧାନୀର ବିଭିନ୍ନ ପୂଜା କମିଟି ମଧ୍ୟରେ ହୋଇଥିବା ସମନ୍ୱୟ ବୈଠକରେ ଆଲୋଚନା ପରେ ଏନେଇ ଡିସିପି ପ୍ରତୀକ ସିଂ ଅଗଷ୍ଟ ୧୮ ରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଥିଲେ।

## ଗୋରୁଙ୍କ ବେକରେ ବାନ୍ଧିଲେ ସେଫ୍ଟି ରେଡିଅମ୍ ବେଲ୍ଟ



ବାରଙ୍ଗ,୨୬।୮(ଲିଙ୍ଗରାଜ ରାଉତ)

ରାଜଧାନୀ ଉପକଣ୍ଠ ଗଣ୍ଡରପୁର ଗ୍ରାମର କିଛିଜଣ ଯୁବକ ରାସ୍ତା ଉପରେ ଶୋଇ ରହୁଥିବା ଗୋରୁଙ୍କ ବେକରେ ସେଫ୍ଟି ରେଡିଅମ୍ ବେଲ୍ଟ ବାନ୍ଧିଛନ୍ତି। ଗୋରୁ ରାସ୍ତା ଉପରେ ଶୋଇରହିବା ଫଳରେ ସାଧାରଣ ଲୋକଙ୍କ ପାଇଁ ଯାତାୟାତରେ ବାଧକ ସାଜେ। ଏପରିକି ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣାମାନ ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ରାତି ସମୟରେ ରାସ୍ତା ଉପରେ ଗୋରୁ ଯାତାୟାତ କରିବା ଓ ଶୋଇବାବେଳେ ଯାନବାହନ ଜାଣି ନ ପାରିବାରୁ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ଦୁର୍ଘଟଣାରେ କେତେବେଳେ ଗୋରୁଙ୍କ କ୍ଷତି ହୁଏ ତ କେତେବେଳେ ଗାଡ଼ିମୋଟର ଭାଙ୍ଗି ଚାଳକଙ୍କ ଜୀବନ ଗଲା ଭଳି ପରିସ୍ଥିତି ସୃଷ୍ଟି ହୁଏ। ଏଭଳି ଦୁର୍ଘଟଣାକୁ ରୋକିବାକୁ ଗଣ୍ଡରପୁର ଗ୍ରାମର ସୁନିଲ ସେନାପତି, ବ୍ରହ୍ମାନନ୍ଦ ସେନାପତି, ଅଭିରାମ ବେହେରା, ଯତୀନ ରାଉତ, ଅଶ୍ୱିନ ରାଉତ, ସତ୍ୟଜିତ୍ ବେହେରା, ସୋମ୍ୟପ୍ରୀତି ସେନାପତି ପ୍ରମୁଖ ଏକାଠି ହୋଇ ମୁଖ୍ୟରାସ୍ତା ଉପରେ ଶୋଇ ରହିଥିବା ପ୍ରାୟ ୧୨୦ ଗୋମାତାଙ୍କ ବେକରେ ସେଫ୍ଟି ରେଡିଓମ୍ ବେଲ୍ଟ ବାନ୍ଧିଛନ୍ତି। ଫଳରେ ଲାଇଟ୍ ପଡ଼ିଲେ ଗାଡ଼ିଚାଳକ ରାସ୍ତା ଉପରେ ଗୋରୁ ଥିବାର ଜାଣିପାରିବେ। ଦୁର୍ଘଟଣା ପରିମାଣ କମିବ ବୋଲି ଯୁବକମାନେ ଆଶା ରଖିଛନ୍ତି।

## ଡକାୟତି ଯୋଜନା ପଣ୍ଡ, ୬ ଗିରଫ

ବାଲିଅନ୍ତା ୨୬।୮(ନୀଳମାଧବ ସାହୁ)

ରଙ୍ଗ ବଜାର ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଡକାୟତି ଯୋଜନାକୁ ବାଲିଅନ୍ତା ଥାନା ପୋଲିସ ପଣ୍ଡ କରିଛି। ପୋଲିସର ଏକ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରି ଏକ ଗ୍ୟାଙ୍ଗର ୬ ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଯୁବକମାନେ ହେଲେ ନୟାଗଡ଼ର ସମ୍ବିତ ଡାକୁଆ(୩୦), ଗଞ୍ଜାମର ସମୀର ନାୟକ(୨୨), ଭୁବନେଶ୍ୱର ଭରତପୁର ଥାନା ଅଞ୍ଚଳରେ ରହୁଥିବା ଗଞ୍ଜାମର ରାମ ସ୍ୱାଇଁ(୪୨), ବାଲିଅନ୍ତା ଥାନା ଅଞ୍ଚଳର ସଞ୍ଜୟ ସାହୁ (୩୫), ବାଲିପାଟଣା ଥାନା ଅଞ୍ଚଳର ସୋମନାଥ ବେହେରା (୨୬) ଓ କାଳନ୍ଦୀ ମଲିକ (୨୫)। ସେମାନଙ୍କ ନିକଟରୁ ଗୋଟିଏ ପିକଅପ୍ ଗାଡ଼ି, ଗୋଟିଏ ବାଇକ୍, ୨ ଖଣ୍ଡା, ଆଇରନ କଟର ମେଶିନ, ଝରକା ତଡ଼ା ଲୁହାରଡ଼, ଗିରଫ ଚାପଡ, ୫ଟି ମୋବାଇଲ, ୩ଟି ଟର୍ଚ୍ଚ, ଗୋଟିଏ ମଦ ବୋତଲ, ଖୋଲା ଲଙ୍କାଗୁଣ୍ଡ ଆଦି ଜବତ ହୋଇଛି। ଏ ନେଇ ପୋଲିସ ୪୦୭/୨୪ରେ ଏକ ମାମଲା ରୁଜୁ କରି ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ରଙ୍ଗବଜାର ଛକ ନିକଟରେ ଏକ ନିର୍ମାଣଧୀନ ଗୃହରେ ୮ ଜଣ ଏକାଠି ବସି ନିକଟରେ ଏକୁଟିଆ ଥିବା ଡୁପ୍ଲେକ୍ସ ଘରରେ ସଶସ୍ତ୍ର ଡକାୟତି କରିବାକୁ ଯୋଜନା କରୁଥିଲେ। ଏନେଇ ଥାନା ପାଟୋଲିଂ ଟିମ୍ ଖବରପାଇ ସେଠାରେ ଚଢ଼ାଉ କରିଥିଲା। ଅନ୍ଧାରର ସୁଯୋଗ ନେଇ ୨ ଜଣ ଖସି ପଳାଇବାରେ ସକ୍ଷମ ହୋଇଥିବାବେଳେ ପୋଲିସ ୬ ଜଣଙ୍କୁ କାବୁ କରିଛି।



ରୋଟାରୀ କ୍ଲବ୍ ଭୁବନେଶ୍ୱର ପକ୍ଷରୁ ଭଞ୍ଜକଳା ମଣ୍ଡପରେ ସୋମବାର ଅନୁଷ୍ଠିତ 'ରଙ୍ଗ ତୂଳୀ' ପ୍ରତିଯୋଗିତାରେ ପୁରସ୍କୃତ ଛାତ୍ରୀଛାତ୍ରଙ୍କୁ ସହ ଅତିଥି ଓ ଅନ୍ୟମାନେ।

## ୫ ଦିବ୍ୟାଙ୍ଗଙ୍କୁ 'ତୁତୁନୁ ସମ୍ମାନ'

### ୯ ଅନୁଷ୍ଠାନକୁ 'ତୁତୁନୁ ପ୍ରେରଣା ସମ୍ମାନ'

ଭୁବନେଶ୍ୱର,୨୬।୮(ଶର୍ମିଷ୍ଠା ପାଣିଗ୍ରାହୀ)

ତୁତୁନୁ ଫାଉଣ୍ଡେଶନ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ ସୋମବାର ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ସୁଲତା ଦେଓ, ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ସାମାଜିକ କର୍ମୀ ଅରୁନ୍ଧତୀ ଦେବୀ, ବିଏମ୍‌ସି ମେୟର ସୁଲୋଚନା ଦାସ, ବିଶିଷ୍ଟ କବି ଡ. ଶରତ ଚନ୍ଦ୍ର ମାଝୀ, ସମାଜସେବୀ ମନସ୍ୱିତା ଜେନା, କର୍ପୋରେଟର ଶ୍ରୀଧର ଜେନା, ବିଶିଷ୍ଟ କବି ରକ୍ଷକ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ପାଞ୍ଚଜଣ ଦିବ୍ୟାଙ୍ଗ ସୁରେଶ କୁମାର ସାହୁ, ରବିନାରାୟଣ ଦାସ, ନରହରି ବେହେରା, କୁନି ବାରିକ ଏବଂ ସୁଭଦ୍ରା ଦାସ ପ୍ରମୁଖଙ୍କୁ 'ତୁତୁନୁ ସମ୍ମାନ-୨୦୨୪'ରେ ସମ୍ମାନିତ କରାଯାଇଥିଲା। ସେହିପରି ୯ଟି ସାମାଜିକ ଅନୁଷ୍ଠାନକୁ 'ତୁତୁନୁ ପ୍ରେରଣା ସମ୍ମାନ' ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ବିଶିଷ୍ଟ କବି ଶଙ୍କର୍ଷଣ ପରିଡ଼ା, ସଙ୍ଗୀତ ନିର୍ଦ୍ଦେଶକ ଡ. ଜୟଶ୍ରୀ ଧଳ, ସମାଜସେବୀ ମୀରା ପରିଡ଼ା, ସୌମ୍ୟଦୀପ ଘୋଷ, ଅମ୍ବିକା ମହାରଣା, ଭୁବନେଶର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଚିତ୍ତରଞ୍ଜନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ତୁତୁନୁ ଟିଭିରେ 'ମୋ ଜୀନବ ଧନ' ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମକୁ ଫାଉଣ୍ଡେଶନର ଅଧ୍ୟକ୍ଷା କବି ଡ. ବନ୍ଦନା ହରିଚନ୍ଦନ ଓ ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ହରିଚନ୍ଦନ ପରିଚାଳନା କରିଥିଲେ। ଟ୍ରଷ୍ଟର ସଦସ୍ୟ ଜୀବିତେଶ ବେହେରା, ସମ୍ପାଦକ ରୋଶନ ଅଲ୍ଲୀ ବେଗ ପ୍ରମୁଖ ଉପସ୍ଥିତ ଥିଲେ।

## ଭୋଜିବେଳେ ଗଣ୍ଡଗୋଳରୁ ଅପହରଣ ଉଦ୍ୟମ ଘଟଣା: ୭ କୋର୍ଟ ଚାଲାଣ

ବାରଙ୍ଗ,୨୬।୮(ଲିଙ୍ଗରାଜ ରାଉତ)





ଚନ୍ଦକା ଥାନା ଅଧୀନ ଡେରାସରେ ବଣଭୋଜିକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ମାରପିଟ୍ ଓ ଅପହରଣ ଉଦ୍ୟମ କରାଯାଇଥିବା ଘଟଣାରେ ପୋଲିସ ୭ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମେଣ୍ଢାଶାଳ ଗ୍ରାମର ବିପିନ କୁମାର ଶତପଥୀ ଓ ସରୋଜ କୁମାର ବଳିଆରସିଂ, ପିତାପଲ୍ଲୀ ଗ୍ରାମର ଲିପୁନ ପରିଡ଼ା, ଲିଙ୍ଗରାଜ ପ୍ରଧାନ, ବିକ୍ରମ ପ୍ରଧାନ, ଗଙ୍ଗେଶ୍ୱର ପ୍ରଧାନ ଓ ସଞ୍ଜୀବ ପ୍ରଧାନ। ଏନେଇ ପୋଲିସ ୨୯୯ ଓ ୩୦୦/୨୪ରେ ୨ଟି ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ରବିବାର ମେଣ୍ଢାଶାଳ ଗ୍ରାମର ସରୋଜ ତାଙ୍କ ୭ ଜଣ ସହଯୋଗୀଙ୍କ ସହ ଡେରାସକୁ ଭୋଜି କରିବାକୁ ଯାଇଥିଲେ। ସେହିଭଳି ଲିପୁନ ଓ ତାଙ୍କ ୯ ଜଣ ସହଯୋଗୀ ମଧ୍ୟ ସେଠାକୁ ଭୋଜି କରିବାକୁ ଯାଇଥିଲେ। ଉଭୟ ଗୋଷ୍ଠୀ ମଦ୍ୟପାନ କରିଥିବାବେଳେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ଆରମ୍ଭ ହୋଇ ମାରଧର ପର୍ଯ୍ୟନ୍ତ କଥା ଯାଇଥିଲା। ପରେ ପିତାପଲ୍ଲୀ ଗ୍ରାମର ଯୁବକମାନେ ମେଣ୍ଢାଶାଳ ଗ୍ରାମର ବିପିନଙ୍କୁ ଏକ କାର୍‌ରେ ଅପହରଣ କରି ନେଇଯିବାକୁ ଉଦ୍ୟମ କରିଥିଲେ। ବିପିନଙ୍କ ସହଯୋଗୀ ସେମାନଙ୍କୁ ପିଛା କରି ପାଣିଓରା ନିକଟ ପେଟ୍ରୋଲ ପମ୍ପ ପାଖରେ କାର୍‌କୁ ଅଟକାଇ ତାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ନିର୍ଦ୍ଧୂମ୍ ମାଡ଼ ମାରିଥିଲେ। ଖବରପାଇ ମେଣ୍ଢାଶାଳ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପିତାପଲ୍ଲୀର ଯୁବକଙ୍କୁ ଉଦ୍ଧାର କରି ଫାଣ୍ଡିକୁ ଆଣିବା ପରେ ସେମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା।

## ସାକ୍ଷୀଗୋପାଳ ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଅନୁଦାନ ଦିଆଯିବ

ସାକ୍ଷୀଗୋପାଳ,୨୬।୮(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ୍/ଭରତ ରାଉତ)

ପର୍ଯ୍ୟଟନସ୍ଥଳୀ ସାକ୍ଷୀଗୋପାଳ ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ନିମନ୍ତେ ରାଜ୍ୟ ପର୍ଯ୍ୟଟନ ବିଭାଗ ଆବଶ୍ୟକ ପାଣ୍ଠି ଯୋଗାଇଦେବ ବୋଲି ଉପମୁଖ୍ୟ ମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ମନ୍ଦିରକୁ ଆସୁଥିବା ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ ଉପକୃତ ହୋଇପାରିବେ। ଅନ୍ୟତମ ସମ୍ମାନିତ ଅତିଥି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଐତିହ୍ୟ ସମ୍ପନ୍ନ ସତ୍ୟବାଦୀର ବିକାଶ ଦିଗରେ ଅଗ୍ରାଧିକାର ଦେବ ବୋଲି କହିଥିଲେ। ଏହି ସଭାରେ ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିଜୟ କୁମାର ନନ୍ଦ ସମ୍ପାଦକୀୟ ବିବରଣୀ ପାଠ କରି ସାକ୍ଷୀଗୋପାଳ ମନ୍ଦିରର ବହୁବିଧ ସମସ୍ୟା ସମାଧାନ ନିମନ୍ତେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭା, ସେବାୟତ ଓ ସେମାନଙ୍କ ସନ୍ତାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଡଭୋକେଟ ଅଞ୍ଜନ ହୋତା ସଂଯୋଜନା କରିଥିଲେ।

## ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



ମାଟି ଅନୁକୂଳ ପାଇଁ ନୟାପଲ୍ଲୀ ଦୁର୍ଗାପୂଜା କମିଟି ପକ୍ଷରୁ କୁଆଖାଇ ନଦୀକୂଳରେ ପୂଜାର୍ଚ୍ଚନା ଚାଲିଛି।

ଭୁବନେଶ୍ୱର, ୨୬।୮ (ବନ୍ଦନା ସେଠୀ)

ଦୁର୍ଗାପୂଜା ପାଇଁ ଜନ୍ମାଷ୍ଟମୀ ତିଥିରେ ସୋମବାର ବିଭିନ୍ନ ପୂଜା ସମିତି ପକ୍ଷରୁ ମାଟି ଅନୁକୂଳ କରାଯାଇଛି। ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ ପକ୍ଷରୁ ସେଣ୍ଟରସ୍ଥିତ ସ୍ଥାୟୀ ମଣ୍ଡପରେ ପୂଜିତା ଅଷ୍ଟଭୁଜା ଦେବୀଙ୍କ ନିକଟରେ ବୈଦିକ ବିଧିବିଧାନରେ ପୂଜା କାର୍ଯ୍ୟକ୍ରମ ହୋଇଥିଲା। ଏହାପରେ କୁଆଖାଇ ନଦୀକୁ ମୃତ୍ତିକା ଆନୟନ ନିମନ୍ତେ ଆସୋସିଏଶନର କର୍ମକର୍ତ୍ତାଙ୍କ ସହିତ କର୍ତ୍ତା ଅଜୟ କୁମାର କର କଳସ ଯାତ୍ରା କରିଥିଲେ। କୁଆଖାଇ ନଦୀକୂଳରେ ସମସ୍ତ ପୂଜାନୀତି ଏବଂ ହୋମ କରାଯାଇ ଘଣ୍ଟଘଣ୍ଟା ବଜାଇ ଜଗତ୍‌ଜନନୀ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପାଇଁ ମାଟି ଅନୁକୂଳ ହୋଇଥିଲା। ମୁଖ୍ୟ ବ୍ରାହ୍ମଣ ଜ୍ୟୋତି ପ୍ରକାଶ ଦାସଙ୍କ ନେତୃତ୍ୱରେ ମଣ୍ଡପ ପରିସରରେ ପୁନର୍ବାର ନଦୀରୁ ଆସିଥିବା ଶୁଭମାଟିକୁ ପୂଜା ଅର୍ଚ୍ଚନା କରାଯାଇଥିଲା। ଆସୋସିଏଶନର ଉପଦେଷ୍ଟା ସଞ୍ଜୟ କୁମାର ସାହାଣୀ, ରମେଶ ଚନ୍ଦ୍ର ପ୍ରଧାନ, ସଭାପତି ଦାମୋଦର ପ୍ରଧାନୀ, ଉପସଭାପତି ସୁକାନ୍ତ କୁମାର ପାତ୍ର, ସାଧାରଣ ସମ୍ପାଦକ ସମ୍ପାଦକ ସରୋଜକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ନୟାପଲ୍ଲୀ ଦୁର୍ଗାପୂଜା ସମିତି ପକ୍ଷରୁ ଚଳିତ ବର୍ଷ ୩୭ତମ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହେବ। ଏନେଇ ସୋମବାର କୁଆଖାଇ ନଦୀପଠାରୁ ମାଟି ଅନୁକୂଳ ହୋଇଛି। ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପୂର୍ବକ ମାଟିକୁ ଏକ ସ୍ୱତନ୍ତ୍ର ବିମାନରେ ଅଞ୍ଚଳର ଦେବା ଦେବୀ ମନ୍ଦିର ପରିକ୍ରମା କରାଯାଇ ଦୁର୍ଗା ମନ୍ଦିର ପ୍ରାଙ୍ଗଣକୁ ଅଣାଯାଇଥିଲା। ଏଥିରେ ଗଙ୍ଗାନଦୀ ମାଟି ସମ୍ମିଶ୍ରଣ କରି ମା'ଙ୍କ ମୂର୍ତ୍ତି ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି। ଶହୀଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ମଧ୍ୟ ମାଟି ଅନୁକୂଳ ଅନୁଷ୍ଠିତ ହୋଇଛି। ଘଣ୍ଟଘଣ୍ଟା, ଶଙ୍ଖ, ମୃଦଙ୍ଗ, ମହୁରି, ବାଣ ଆଦି ଶୋଭାଯାତ୍ରାରେ କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ କୁଆଖାଇ ନଦୀପାଠ ପହଞ୍ଚି ପାରମ୍ପାରିକ ବିଧିପୂର୍ବକ ପୂଜାର୍ଚ୍ଚନା କରିବା ସହ ମାଟି ଉଠାଣ କରିଥିଲେ। ଅପରାହ୍ନରେ ତୋରଣ ପାଇଁ ଖୁଣ୍ଟି ପୂଜା କରାଯାଇ ଶୁଭ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ସମିତି ସଭାପତି ହେମନ୍ତ କୁମାର ପରିଡା, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପାତ୍ର, ସମ୍ପାଦକ ସଚିନନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନୀଳାଦ୍ରି ବିହାର ଆବାସିକ ସଂଘ ପକ୍ଷରୁ ସାର୍ବଜନୀନ ଦୁର୍ଗାପୂଜା ପାଇଁ କୁଆଖାଇ ନଦୀ ପଠାରୁ ମାଟି ଅନୁକୂଳ ହୋଇଛି। ଯଥାବିଧି, ରୀତିନୀତି ଅନୁସାରେ ପୂଜା ସମ୍ପନ୍ନ କରାଯାଇ କର୍ତ୍ତା ରମେଶ ଚନ୍ଦ୍ର ନାୟକ ମାଟି ଅନୁକୂଳ କରିଥିଲେ।

# ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସରେ ଗଣଦୌଡ଼






ଭୁବନେଶ୍ୱର,୨୬।୮(ଅନୁରାଧା ମହାରଣା)

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଅବସରରେ ସୋମବାର ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ମୃତି ନ୍ୟାସ ପକ୍ଷରୁ ଭୁବନେଶ୍ୱରଠାରେ ଏକ ବିଶାଳ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥଙ୍କ ସହ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇଥିଲେ। ୟୁନିଟ-୩ ପ୍ରଦର୍ଶନୀ ପଡିଆରୁ ଆରମ୍ଭ ହୋଇଥିବା ଏହି ଗଣଦୌଡ ରାମ ମନ୍ଦିର, ଶ୍ରୀୟାଛକ, ଗିରିଦୁର୍ଗା ଛକ, ମାଷ୍ଟର କ୍ୟାଣ୍ଟିନ, ଅଶୋକ ନଗର, ରାଜମହଲ ହୋଇ ପୁଣି ପ୍ରଦର୍ଶନୀ ପଡିଆକୁ ଫେରିଥିଲା। ପ୍ରାରମ୍ଭରେ ଏକ ସଂକଳ୍ପ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଅଖିଳ ଭାରତୀୟ ସନ୍ଥ ସମିତିର ରାଷ୍ଟ୍ରୀୟ ସହ ସଂଗଠନ ମନ୍ତ୍ରୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ପୂର୍ବ ଭାରତ ତଥା ଓଡ଼ିଶାର ଅଧ୍ୟକ୍ଷ ମହାମଣ୍ଡଳେଶ୍ୱର ଶଙ୍କରାନନ୍ଦ ଗିରି ମହାରାଜ, ଓଡ଼ିଶାର ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ, ବରିଷ୍ଠ ସନ୍ୟାସୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ, ଦିବ୍ୟଜୀବନ ସଂଘର ଦାମୋଦରାନନ୍ଦ ସରସ୍ୱତୀ ମହାରାଜ, ମହିମା ଅଲେଖ ଗାଦିର ବାବା ରମେଶ ମହାରାଜ, ଜିଜ୍ଞାସାନନ୍ଦ ସରସ୍ୱତୀ, ନିର୍ବାଣନନ୍ଦ ଗିରି, ବିଶ୍ୱହିନ୍ଦୁ ପରିଷଦର ପୂର୍ବାଞ୍ଚଳ ମନ୍ତ୍ରୀ ମହନ୍ତ କୃଷ୍ଣ ଗୋପାଳ ଦାସ, ଭୁବନେଶ୍ୱରର ଦିଶେଷ ଚୈତନ୍ୟ ପ୍ରମୁଖ ଯୋଗଦେଇ ଏହି ଗଣଦୌଡ ସମାବେଶର ଶୁଭାରମ୍ଭ କରିଥିଲେ। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସ୍ମୃତି ନ୍ୟାସର ମ୍ୟାନେଜିଂ ଟ୍ରଷ୍ଟି ମନସୁଖଲାଲ ସେଠିଆଙ୍କ ସମେତ ବିଭିନ୍ନ ସାମାଜିକ ଓ ଧାର୍ମିକ ସଂଗଠନର ପ୍ରମୁଖମାନେ ଉପସ୍ଥିତ ଥିଲେ । ଜୟକୃଷ୍ଣ ପୃଷ୍ଟି ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ସାଧୁସନ୍ଥମାନେ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତିଚାରଣ କରି କହିଲେ, ୧୯୨୪ରେ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଅନୁଗୋଳ ଜିଲାର ଗୁରୁଜଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୧୯୬୫ରେ ହିମାଳୟରୁ ଫେରି ଗୋହତ୍ୟା ଓ ଧର୍ମାନ୍ତରଣ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୬୮ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ କନ୍ଧମାଳ ଜିଲାକୁ ଯାଇଥିଲେ। ସେ ଚକାପାଦ ଓ ଜଲେଶପଟ୍ଟାଠାରେ ଆବାସିକ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଛାତ୍ରୀନିବାସ ମଧ୍ୟ ପ୍ରତିଷ୍ଠା କରିଥିଲେ। କୃଷି, ପଶୁପାଳନ ଏବଂ ଫଳଚାଷ ଉପରେ ସେ ଜନଜାତିର ଲୋକଙ୍କୁ କନ୍ଧମାଳରେ ଶିକ୍ଷା ଦେଉଥିଲେ। ଗଜପତି ଏବଂ କନ୍ଧମାଳ ଜିଲାରେ ରଥଯାତ୍ରା ଆରମ୍ଭ କରିଥିଲେ। ଧର୍ମାନ୍ତରଣ ବିରୋଧରେ ଦୃଢ଼ ସ୍ୱର ଉଠାଇଥିଲେ। ତାଙ୍କ ଉପରେ ୯ଥର ମରଣାନ୍ତକ ଆକ୍ରମଣ ହୋଇଥିଲା । ୨୦୦୮ ଅଗଷ୍ଟ ୨୩ ଜନ୍ମାଷ୍ଟମୀ ଉତ୍ସବ ବେଳେ ଜଲେଶପଟ୍ଟାସ୍ଥିତ ଶଙ୍କରାଚାର୍ଯ୍ୟ କନ୍ୟାଶ୍ରମ ଭିତରେ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସହ କନ୍ୟାଶ୍ରମ ସଞ୍ଚାଳିକା ମାତା ଭକ୍ତିମୟୀ, ଅମୃତାନନ୍ଦ ବାବା, କିଶୋରବାବା ଏବଂ ଜଣେ ଛାତ୍ରୀଙ୍କ ଅଭିଭାବକ ପୁରଞ୍ଜନ ଗଣ୍ଡିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା।

**ସଂକ୍ଷେପରେ**

## କେନାଲରୁ ମୃତଦେହ ଜବତ

ମାହାଙ୍ଗା,୨୬।୮(ଯଯାତି ସିଂହ):

ମାହାଙ୍ଗା ଥାନା ଅଧୀନ ଛତ୍ରତୋଟା ନିକଟ ସୋସାଇଟି ଛକଠାରୁ ଅନତି ଦୂରରେ ଥିବା କେନାଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ତାଙ୍କ ପରିଚୟ ମିଳିପାରି ନାହିଁ। ତାଙ୍କୁ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଅନୁମାନ କରାଯାଉଛି। ସେ କଳା ପ୍ୟାଣ୍ଟ ଓ ନୀଳ ରଙ୍ଗର ଚେକ ସାର୍ଟ ପିନ୍ଧିଛନ୍ତି।

ପ୍ରକାଶ ଯେ, କେନ୍ଦ୍ରାପଡା ମୁଖ୍ୟ କେନାଲର ୬ଡି ଶାଖାରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଦକମଳ ବାହିନୀକୁ ଖବର ଦେଇଥିଲେ ତୁରନ୍ତ ଦମକଳ କର୍ମଚାରୀମାନେ ସେଠାରେ ପହଞ୍ଚି ପାଣିରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତଦେହ ବାହାର କରି ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ମେଡିକାଲ ପଠାଇବା ସହ ଥାନାରେ ମାମଲା (ନଂ. ୨୨/୨୪) ରୁଜୁ କରିଛି।

# 'ଜବାହାରଲାଲ୍ ନେହେରୁ କଲେଜ ଭବିଷ୍ୟତ ଗଢ଼ିବା କାରଖାନା'

ମାହାଙ୍ଗା,୨୬।୮(ଯଯାତି ସିଂହ):

ମାହାଙ୍ଗା ବ୍ଲକ ଜବାହରଲାଲ ନେହେରୁ ମହାବିଦ୍ୟାଳୟ ବନବିହାର କୁଆଁପାଳ ପରିସରରେ ୪୩ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଏହି ମହାବିଦ୍ୟାଳୟ ହେଉଛି ଭବିଷ୍ୟତ ଗଢ଼ିବା କାରଖାନା। ଏହି କଲେଜ ଗଢ଼ିବାରେ ମାହାଙ୍ଗାର ପୂର୍ବତନ ବିଧାୟକ ସ୍ୱର୍ଗତ ବିକ୍ରମକେଶରୀଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ନୂତନ ଶିକ୍ଷାନୀତି ସମ୍ପର୍କରେ ସୂଚନା ଦେବା ସହ ପିଲାମାନେ ହେଉଛନ୍ତି ଛୋଟ ଛୋଟ ଫୁଲ କଢ଼ି । ସେମାନେ ଭବିଷ୍ୟତରେ ବଡ ମଣିଷ ହୋଇପାରିବେ ବୋଲି ମତ ଦେଇଥିଲେ। ଡ. ପ୍ରତାପ ଚନ୍ଦ୍ର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଯୋଗଦେଇ ପୁରାତନ ମହାବିଦ୍ୟାଳୟର ଯେଉଁଭଳି ଉନ୍ନତି ହେବା କଥା ସେଭଳି ଉନ୍ନତି ହୋଇନାହିଁ ବୋଲି କହି କ୍ଷୋଭ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥିଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ମହାବିଦ୍ୟାଳୟ ଅଧକ୍ଷ ପ୍ରାଧ୍ୟାପକ ଶ୍ୟାମସୁନ୍ଦର ପଲେଇ, ସାମାଜିକ କର୍ମୀ ସୁଦୀପ୍ତ କିଶୋର ରାୟ ଯୋଗଦେଇ କଲେଜର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଅତିଥିମାନେ ମହାବିଦ୍ୟାଳୟ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ମାଲ୍ୟାର୍ପଣ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ଡ. ନିଖିଳେଶପଦ ମହାନ୍ତି ସ୍ୱାଗତଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅଧାପକ ରୁଦ୍ରନାରାୟଣ ଦାଶ ବିବରଣୀ ପାଠ କରିଥିଲେ । ଅଧାପକ କୁମୁଦ ରଂଜନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅତିଥିମାନେ କଲେଜର ପ୍ରତିଷ୍ଠାତା ସଭ୍ୟ ପରିଚାଳନା କମିଟିର ସଭାପତି ପୂର୍ବତନ ଅଧକ୍ଷା ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଯୁକ୍ତ୨ ଓ ଯୁକ୍ତ ୩ ଶ୍ରେଣୀରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଧାପକ ଦାଶରଥି ପ୍ରଧାନ, ବସନ୍ତ ସେଠୀ, ରବି ନାରାୟଣ ବାରିକ, କୃଷ୍ଣଚନ୍ଦ୍ର ବେହେରା, ଡ. ଜ୍ଞାନରଞ୍ଜନ ଶତପଥୀ, ମିନତି ଷଡ଼ଙ୍ଗୀ, ଡ. ଜୟଶ୍ରୀ ରାଉତ, ଅଶୋକ ସାହୁ, ଅଶୋକ ସିଂ, ଗୌତମ ରାଉତରାୟ, ଧରଣୀଧର ଦାସ, ସୁମନ୍ତ କୁମାର ରାଉତ ପ୍ରମୁଖ ସହଯୋଗ କରିଥିଲେ । ଡ.ଯୁଧିଷ୍ଠିର ଖଟୁଆଙ୍କ ସମେତ ବହୁ ବିଜ୍ଞ ବ୍ୟକ୍ତି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ପରିଚାଳନା କମିଟି ସଭ୍ୟ ଓ ଶିକ୍ଷା କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।



ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟ ଅତିଥିମାନେ ।

# ଧାନକିଣାରେ କଟ୍‌ନି ଛଟ୍‌ନି, ଟଙ୍କା ଦିଆନିଆ ଅଭିଯୋଗକୁ ଖଣ୍ଡନକଲା ମିଲର ସଂଘ

ଭଦ୍ରକ,୨୬।୮(ସନାତନ ରାଉତ):

ବିଧାନସଭାରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଧାନକିଣା ପ୍ରସଙ୍ଗରେ ମିଲରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଥିଲେ। ପୂର୍ବ ସରକାରଙ୍କ ସହ ମିଶି ଧାନକିଣାରେ କଟ୍‌ନି ଛଟ୍‌ନି, ଟଙ୍କା ଦିଆନିଆ ଓ ଚାଉଳ ଯୋଗାଣରେ ରି ସାଇକ୍ଲିଂ କରାଯାଇଥିଲା ବୋଲି ସେ ଅଭିଯୋଗ କରିଥିଲେ। ଓଡ଼ିଶା ରାଇସ୍ ମିଲର ଆସୋସିଏଶନର ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ରବିବାର ଭଦ୍ରକ ଗସ୍ତରେ ଆସିଥିବା ବେଳେ ସେ କହିଛନ୍ତି, ଚାଷୀମାନଙ୍କଠାରୁ ଧାନକିଣା ପାଇଁ ସରକାର ସମବାୟ ସମିତି, ପ୍ୟାକ୍ସ ଓ ସ୍ୱୟଂସହାୟିକା ଗୋଷ୍ଠୀକୁ ନିୟୋଜିତ କରିଛନ୍ତି। ସେମାନେ ସରକାରୀ ମଣ୍ଡି ଖୋଲି ଧାନ କିଣୁଥିବା ବେଳେ ଏଥିପାଇଁ ବିଭିନ୍ନ ପ୍ରକାର କଟକଣା ରହିଛି। ଧାନକିଣାରେ ମିଲରମାନଙ୍କ କୌଣସି ଭୂମିକା ନାହିଁ। ଟ୍ୟାଗ୍ ହୋଇଥିବା ସରକାରୀ ମଣ୍ଡିରୁ ମିଲରମାନେ ସେମାନଙ୍କ କୋଟା ଅନୁଯାୟୀ ଧାନ ଉଠାଇଥାନ୍ତି। ସରକାରଙ୍କ ଜଣେ ଅଥରାଇଜ୍‌ଡ ଅଫିସରଙ୍କୁ ତତ୍ତ୍ୱାବଧାନ ପାଇଁ ନିଯୁକ୍ତି ଦିଆଯାଇଥାଏ। ସେ ରିଲିଜ କରିବା ପରେ ଖାଦ୍ୟ ଯୋଗାଣ ନିଗମ ଦ୍ୱାରା କିଣିଥିବା ଧାନକୁ ମିଲିଂକରି ଚାଉଳ ଯୋଗାଇ ଦିଆଯାଇଥାଏ। ମିଲରମାନେ ପ୍ରତ୍ୟକ୍ଷ ଭାବେ ଚାଷୀଙ୍କଠାରୁ ଧାନ କିଣିବାର କୌଣସି ସରକାରୀ ନିୟମ ନାହିଁ। ମିଲରମାନେ ଧାନ କିଣୁ ନ ଥିବାରୁ କଟ୍‌ନି ଛଟ୍‌ନିର କୌଣସି ପ୍ରଶ୍ନ ଉଠୁନାହିଁ। ଏହାବ୍ୟତୀତ ସରକାରଙ୍କ ଏତେ କଟକଣା ମଧ୍ୟରେ ରି-ସାଇକ୍ଲିଂ ଅସମ୍ଭବ ବୋଲି ସେ କହିଛନ୍ତି। ଏତେ ପରିମାଣର ଧାନ ରଖିବାକୁ ସରକାରଙ୍କ ପାଖରେ ଜାଗା ନ ଥିବାରୁ ମିଲରମାନଙ୍କ ଗୋଦାମରେ ରଖାଯାଇଥାଏ। ପରେ ସରକାରଙ୍କୁ ଚାଉଳ ଆକାରରେ ଫେରାଇ ଦିଆଯାଏ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଯେଉଁ ମିଲର ଚାଉଳ ଫେରାଇ ନ ପାରିବେ, ସେହି ମିଲରଙ୍କୁ ଯୋଗାଣ ନିଗମ ପକ୍ଷରୁ ଧାନ ନେବାକୁ ଅନୁମତି ମିଳେ ନାହିଁ ବୋଲି ସେ କହିଛନ୍ତି।

# ଜନ୍ମାଷ୍ଟମୀ ସହ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



ରାଣିହାଟସ୍ଥିତ ରାଧାମୋହନଜୀଉ ଗୁମ୍ଫାରେ ପୂଜାର୍ଚ୍ଚନା ପାଇଁ ଭକ୍ତଙ୍କ ଭିଡ଼। ମଙ୍ଗଳାବାଗ ପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ ହେଉଛି।

କଟକ,୨୬।୮(ଶିଲ୍ପା ପ୍ରିୟଦର୍ଶିନୀ):

କଟକରେ ଧୁମଧାମରେ ଜନ୍ମାଷ୍ଟମୀ ସୋମବାର ପାଳନ ହୋଇଯାଇଛି। ପ୍ରତ୍ୟେକ ଘରେ, ମଠ ଓ ମନ୍ଦିରରେ ପୂଜାର୍ଚ୍ଚନା, ଭୋଗଲାଗି, ଉପବାସ, ଭାଗବତପାଠ, କୃଷ୍ଣଜନ୍ମବୃତ୍ତାନ୍ତ ଗାୟନ କରାଯାଇଥିବାବେଳେ ବିଭିନ୍ନ ଅନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରମାନେ କୃଷ୍ଣ ଓ ରାଧାବେଶ ଧାରଣ କରି ଜନ୍ମାଷ୍ଟମୀ ପାଳନ କରିଛନ୍ତି। ସ୍ମାର୍ତ୍ତ ଓ ବୈଷ୍ଣବ, ଏହି ଦୁଇ ମତରେ ଜନ୍ମାଷ୍ଟମୀ ଗୋଟିଏ ଦିନ ଆଗପଛରେ ପାଳିତ ହୋଇଥାଏ। ତେବେ ଓଡ଼ିଶାରେ ସ୍ମାର୍ତ୍ତ ମତ ଅନୁସାରେ ସର୍ବତ୍ର ସୋମବାର ଜନ୍ମାଷ୍ଟମୀ ଉତ୍ସବ ପାଳନ ହୋଇଥିବାବେଳେ ମଙ୍ଗଳବାର ନନ୍ଦ ଉତ୍ସବ ପାଳନ ହେବ। ସହରର ପ୍ରମୁଖ ସ୍ଥାନ ଚୌଧୁରୀବଜାର, ଶେଖବଜାର ମସ୍ତରାମ ମଠ, ଗୋପାଳଜୀଉ ମନ୍ଦିର ଓ ରାଧାକୃଷ୍ଣ ମଠ, ପିଠାପୁର ରାଧାମୋହନ ମନ୍ଦିର, ରାଣୀହାଟର ରାଧାମୋହନ ମନ୍ଦିର ଭଳି କଟକର ପ୍ରାୟ ୩୫ରୁ ୪୦ ମଠ ମନ୍ଦିରରେ ଜନ୍ମାଷ୍ଟମୀ ଅବସରରେ ସୋମବାର ଶ୍ରଦ୍ଧାଳୁମାନଙ୍କ ପୂଜାର୍ଚ୍ଚନା ପାଇଁ ଭିଡ଼ ପରିଲକ୍ଷିତ ହୋଇଥିଲା।

ଶାରଦୀୟ ଦୁର୍ଗୋତ୍ସବରେ ଠାକୁରାଣୀଙ୍କ ମୂର୍ତ୍ତିଗଢା ପାଇଁ ଜନ୍ମାଷ୍ଟମୀ ଓ ନନ୍ଦଉତ୍ସବରେ ନଦୀରୁ ମାଟି ଉଠା ଯାଇଥାଏ। ଏହା ହେଉଛି କଟକର 'ମାଟିଉଠା' ପରମ୍ପରା। ସୋମବାର ସକାଳେ ଓ ଅପରାହ୍ଣରେ ବିଭିନ୍ନ ପୂଜାକମିଟି ପକ୍ଷରୁ ମାଟିଉଠା ନିଷ୍ଠାର ସହ କରାଯାଇଛି । ନଦୀକୂଳରେ ପୂଜାର୍ଚ୍ଚନା କରାଯିବା ପରେ ନୂତନ ବାଉଁଶ ପାତ୍ରରେ ମାଟି ଅଣାଯାଇ ଖଡ଼ମାରେ ସ୍ଥାପନା କରାଯାଇଛି । ମଙ୍ଗଳାବାଗ ପୂଜାକମିଟିର କର୍ମକର୍ତ୍ତା ଏବଂ ଶତାଧିକ ଅଞ୍ଚଳବାସୀ ଅପରାହ୍ଣରେ ସଂକୀର୍ତ୍ତନ ଶୋଭାଯାତ୍ରାରେ ମହାନଦୀତଟକୁ ଯାଇ ମାଟି ଉଠାଇଥିଲେ। ଏଥିପାଇଁ ପୂର୍ବରୁ ଖଡ଼ମାକୁ ଧୋଇପୋଛି ପ୍ରସ୍ତୁତ କରାଯାଇଥିଲା । ନୂତନ ବସ୍ତ୍ର ପରିଧାନ କରି ପୂଜା କମିଟିର କର୍ମକର୍ତ୍ତା ତଥା ସାହି ମୁରବୀମାନେ ରିତିନୀତି ଅନୁଯାୟୀ ମାଟି ଉଠାଇଥିଲେ । ସେହପରି ସିଡିଏ ସେକ୍ଟର-୯ ଆବାସିକ ସଂଘ ପୂଜା କମିଟି ପକ୍ଷରୁ ଧବଳେଶ୍ୱର ଗଡ଼ାସ୍ଥିତ ମହାନଦୀରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ମାଠି ଉଠାଯାଇଛି।

# ଜନ୍ମାଷ୍ଟମୀରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା

କଟକ,୨୬।୮ (କାର୍ତ୍ତିକ ସାହୁ):

ମହାନଦୀ ବିହାର ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ଦିବସ ସୋମବାର ପାଳିତ ହୋଇଯାଇଛି। ଭାଗବତର ଶ୍ରୀକୃଷ୍ଣ ଜନ୍ମ କଥା ପାଠ, ଭଜନ କୀର୍ତ୍ତନ, ପୂଜାର୍ଚ୍ଚନା ସହ ଶିଶୁଙ୍କ କୃଷ୍ଣବେଶ, ଶ୍ରୀରାଧା ବେଶ ଓ ମାଆମାନଙ୍କର ଯଶୋଦା ବେଶର ଆୟୋଜିତ ହୋଇଥିଲା। ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ଦିବସ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ବେହେରା ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ତ୍ୟାଗପୂତ ଜୀବନୀ ଆଲୋଚନା କରିଥିଲେ। ପରିଚାଳନା ସମିତିର ସଭାପତି ପ୍ରତିମା ଶତପଥୀ ଓ ଉପସଭାପତି ଡ. ଦେବବ୍ରତ ପୃଷ୍ଟି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ।

ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପାଳିତ ଜନ୍ମାଷ୍ଟମୀ ଉପବ ପ୍ରଧାନ ଆଚାର୍ଯ୍ୟ ନାରାୟଣ ପ୍ରସାଦ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିଶୁମାନଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କ ବେଶ, ମହାଭାରତର ବିଭିନ୍ନ ଚରିତ୍ରର ବେଶ ଓ ସଂଳାପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯିବା ସହିତ ହରିବଂଶ ପୁରାଣ ପାଠ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ. ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ଓ ସମ୍ପାଦକ ସଞ୍ଜୟ କୁମାର ପଟ୍ଟନାୟକ ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରିଥିଲେ। ଆଚାର୍ଯ୍ୟ ଲକ୍ଷ୍ମୀନାରାୟଣ ରଥ ଶର୍ମା ଓ ପ୍ରଣୟ କୁମାର ପାଣିଗ୍ରାହୀ ପୂଜାର୍ଚ୍ଚନା ଓ ଗୀତା ପାଠ କରିଥିଲେ। ବିଚାରକ ରୂପେ ନୃତ୍ୟଗୁରୁ ଅଜୟ କୁମାର ମହାନ୍ତି ଓ ସୁବାସ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟ ଚିତ୍ତରଞ୍ଜନ ଭୁକ୍ତା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ଆଚାର୍ଯ୍ୟ ମନୋଜ କୁମାର ବିଶ୍ୱାଳ ଓ ସ୍ନେହଲତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ହାତୀପୋଖରୀଛକସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ଜନ୍ମାଷ୍ଟମୀ ସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ବଂଶୀଧର ଜେନାଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ବିସ୍ତାର ସମିତିର ସଭାପତି ରାଜ କିଶୋର ବେହେରା, ସମ୍ମାନିତ ଅତିଥି ଉପସଭାପତି କ୍ଷୀରୋଦ କୁମାର ବିଶ୍ୱାଳ ଓ ମୁଖ୍ୟବକ୍ତା ପଣ୍ଡିତ କ୍ଷୀରୋଦ କୁମାର ପାତ୍ର ଜନ୍ମାଷ୍ଟମୀର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହକାରୀ ପ୍ରଧାନ ଆଚାର୍ଯ୍ୟା ନିରୁପମା ମହାନ୍ତି ଧନ୍ୟବାଦ ଦେଇଥିଲେ। ଆନନ୍ଦି ଝା ଓ ଆରୁଷି ଝା ସ୍ୱାଗତ ସଙ୍ଗୀତ ଓ ଶ୍ଳୋକ ପାଠ କରିଥିଲେ। ଶିଶୁ ଭାଇଭଉଣୀମାନଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟା ବବିତା ମହାନ୍ତି, ସଂଘମିତ୍ରା ବେହେରା, ରେଶମା ଖାତୁନ, ସାହିନ୍ ନିଶା, ପ୍ରତିଭା ସାହୁ, ସାହିନ୍ ପରୱିନ୍, ଟି. ଈଶ୍ୱରୀ ଓ ଏକତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ମହାନଦୀବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉପଲକ୍ଷେ ରାଧାକୃଷ୍ଣ ବେଶ ହୋଇଥିବା କୁନି ପ୍ରତିଯୋଗୀମାନେ ।

# ଧୁମଧାମରେ ପାଳନ ହେଲା ଜନ୍ମାଷ୍ଟମୀ

ନିଶ୍ଚିନ୍ତକୋଇଲି ,୨୬।୮ (ଅଶୋକ କୁମାର ମହାପାତ୍ର):

ଜନ୍ମାଷ୍ଟମୀ ଉପଲକ୍ଷେ ଗାଁଠୁ ସହର କଟକ ଜିଲାର ସବୁ ଅଞ୍ଚଳ କୃଷ୍ଣମୟ ପରିବେଶ ହୋଇଯାଇଛି। ଏହି ଅବସରରେ ନିଶ୍ଚିନ୍ତକୋଇଲି ବୁହାଳ ପଞ୍ଚାୟତସ୍ଥିତ ଗୋପିନାଥ ମନ୍ଦିରରେ ସ୍ୱତନ୍ତ୍ରଭାବେ କୃଷ୍ଣ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ସେହିପରି ଜମରା ଗ୍ରାମର ଭାଗବତ ପୀଠ, ନିଶ୍ଚିନ୍ତକୋଇଲି ବେଲେଶ୍ୱରୀ ପୀଠ, ରାଧାରାଣୀ ମଠ, ବାରଙ୍ଗ ନାଥପୀଠ ପ୍ରମୁଖ ରାଧାକୃଷ୍ଣ ମନ୍ଦିରରେ ମହାସମାରୋହରେ କୃଷ୍ଣ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ମହୋତ୍ସବ ପ୍ରଧାନ ଆଚାର୍ଯ୍ୟ ପ୍ରାଣକୃଷ୍ଣ ମଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଧାକୃଷ୍ଣ ବେଶଧାରୀ ଶିଶୁମାନଙ୍କୁ ବନ୍ଦାପନା କରାଯିବା ସହ ସର ଲବଣୀ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ବୌଦ୍ଧିକ ମଣ୍ଡପରେ ରାଧାକୃଷ୍ଣଙ୍କ ନୃତ୍ୟ ପ୍ରଦର୍ଶନ ସହ ଦୋଳି ଖେଳ ହୋଇଥିଲା।

**ସାଲେପୁର, (ଅରବିନ୍ଦ ଭୂୟାଁ):**

ସାଲେପୁର ସରସ୍ୱତୀ ଶିଶୁ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଓ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଚାର୍ଯ୍ୟ ରମାକାନ୍ତ ବେହେରା ଶ୍ରୀକୃଷ୍ଣଙ୍କ ଜନ୍ମ ବିଷୟରେ କହିଥିଲେ। ବିଦ୍ୟାଳୟ ପ୍ରମୁଖ ନିକୁଞ୍ଜ କୁମାର ସାହୁ ଶ୍ରୀମଦ୍ ଭାଗବତ କଥାମୃତ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭଜନ, ଶ୍ଳୋକ ଆବୃତ୍ତି ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ରାଧାକୃଷ୍ଣ ବେଶଧାରୀ ଶିଶୁଙ୍କ ବନ୍ଦାପନା ଓ ଝୁଲଣରେ ଝୁଲିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବରସରେ ପ୍ରଭୁ ଶ୍ରୀକୃଷ୍ଣ ଓ ମା' ରୁକ୍ମଣୀଙ୍କ କୁଣ୍ଡିନଗରୀ ପରିକ୍ରମା, ଦ୍ୱାପର ଯୁଗର ପୌରାଣିକ କଥାବସ୍ତୁ ଉପରେ ଆଧାରିତ ବିଷୟବସ୍ତୁ ଅନୁଯାୟୀ, ମା' ରୁକ୍ମଣୀଙ୍କ ପିତ୍ରାଳୟ ଗମନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁଆ ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମରେ କୁଣ୍ଡି ନଦୀ କୂଳରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମକୁ ମାହାଳ ଠାକୁର ରାଜା ପ୍ରଶାନ୍ତ କୁମାର ନାୟକ, ମନ୍ଦିର ପଣ୍ଡିତ ସୁଧାଂଶୁ ଆଚାର୍ଯ୍ୟ ଗୌରୀ ପ୍ରସାଦ ପଣ୍ଡା, ପଣ୍ଡିତ ବିଜୟ କୁମାର ଶତପଥୀ ସେବକ ସଚ୍ଚିଦାନନ୍ଦ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

**ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାମନ୍ଦିରର ୭୮ଜଣ ଛାତ୍ରୀଛାତ୍ର ରାଧା ଓ କୃଷ୍ଣ ବେଶରେ ସଜେଇ ହୋଇ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ । କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପଣ୍ଡା ଓ ସମ୍ପାଦକ ତାପସ କୁମାର ଦାଶ ପରିଚାଳନା କରିଥିଲେ। ଡମପଡ଼ା ବ୍ଲକ ଅନ୍ତର୍ଗତ ନରଗାଙ୍ଗ ରାସବିହାରୀଦେବ ମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ପାଳନ କରାଯାଇଛି। ଏହି ଅବସରରେ ପ୍ରକୃତିପ୍ରେମୀ ବଳରାମ ପାଇକରାୟ ଓ ନିବେଦିତା ପାଇକରାୟଙ୍କ ସହଯୋଗରେ ମନ୍ଦିର ପରିସରରେ ଚାରାରୋପଣ କରାଯାଇଛି ।

**ମାଣିଆବନ୍ଧ, (ଅଖିଳ କୁମାର ସାହୁ):**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ସରସ୍ୱତୀ ଶିଶୁମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଧାକୃଷ୍ଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୫୪ଜଣ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ଯୋଗଗୁରୁ ପୀତବାସ କରଣ, ସନ୍ଥ କବି ପୁରସ୍କାରପ୍ରାପ୍ତ ବନ୍ଧଶିଳ୍ପୀ ଶ୍ୟାମ ସୁନ୍ଦର କରଣ, ଉପସଭାପତି ଉତ୍ସବ ଦେବତା ଦାୟିତ୍ୱ ତୁଲାଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ମିତାଶ୍ରୀ ମିଶ୍ର, ଗୁରୁମା ରିତାରାଣୀ ସାହୁ, ସୁଶ୍ରୀ ସବିତା ଦତ୍ତ, ଶୁଭ୍ରଲିପି ପାଣିଗ୍ରାହୀ, ପ୍ରଭାତୀ ପଣ୍ଡା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

**ବଡ଼ମ୍ବା, (ମାୟାଧର ମଲ୍ଲିକ):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଆନୁକୂଲ୍ୟରେ ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ମାନେ ରାଧା, କୃଷ୍ଣ, ବଳଭଦ୍ର, ସୁଭଦ୍ରା ଆଦି ବେଶରେ ସଜେଇ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଅନୁଷ୍ଠାନ ପରିସରରେ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱଶାନ୍ତି ଯଜ୍ଞ ଆୟୋଜନ କରାଯାଇଥିଲା। ଏଥିରେ କର୍ତ୍ତ୍ରୀ ଓ କର୍ତ୍ତା ଭାବେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ଦୁଃଖୀ ଦେଈ ଓ କାର୍ଯ୍ୟକର୍ତ୍ତା ଦିଲୀପ କୁମାର ସାହୁ ଉପସ୍ଥିତ ଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):**

ଚୌଦ୍ୱାରର ବିଭିନ୍ନ ସ୍ଥାନରେ ସୋମବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଚୌଦ୍ୱାର ବଡ଼ ବଜାରସ୍ଥିତ ପାଲାମଣ୍ଡପରେ ଥିବା ସତ୍ୟ ନାରାୟଣ ମନ୍ଦିରରେ ପ୍ରଭାତରୁ ସ୍ନାନ, ତର୍ପଣ ଓ ମଙ୍ଗଳ ଆଳତି ପରେ ପଞ୍ଚ ଉପଚାରରେ ଲକ୍ଷ୍ମୀ, ନାରାୟଣ ଓ ଆଣ୍ଠୁଆ ଗୋପାଳଙ୍କ ପୂଜାର୍ଚ୍ଚନା ରୀତିନୀତି ସହିତ ସମାପନ କରାଯାଇଥିଲା। ଶ୍ରଦ୍ଧାଳୁମାନେ ନିଜ ନିଜର ବ୍ରତ ପୂର୍ଣ୍ଣ କରିବାକୁ ସନ୍ଧ୍ୟା ସମୟରେ ନୈବେଦ୍ୟ ସମର୍ପଣ କରି ତୁଳସୀ ପାଇ ଉପବାସ ଖଣ୍ଡନ କରିଥିଲେ। ସେହିପରି ଚୌଦ୍ୱାରର ତିନିକୋଣିଆସ୍ଥିତ ଜଗନ୍ନାଥ ମନ୍ଦିର, ରାହାସବିହାରୀ ଜିଉ, ନବଗ୍ରହ ସାହିସ୍ଥିତ ନୀଳାଚଳ ଜଗନ୍ନାଥ ମନ୍ଦିର, ନୂଆବଣିଆ ସାହିସ୍ଥିତ ବାଙ୍କବିହାରୀ ଜୀଉ ମନ୍ଦିର, ପ୍ରଧାନ ସାହିସ୍ଥିତ ଗୋପାଳଜୀଉ, ଓଟିଏମ୍ କଲୋନୀସ୍ଥିତ ରାଧା ମୋହନଜୀଉ, ସତ୍ୟ ନାରାୟଣ ମନ୍ଦିର, ମୁଣ୍ଡମାଳସ୍ଥିତ ଅନନ୍ତବାସୁଦେବ ମନ୍ଦିର, ହାଉସିଂ ବୋର୍ଡ ଜଗନ୍ନାଥ ମନ୍ଦିର ଓ ଇଙ୍ଗା ରାଧା କୃଷ୍ଣ ମନ୍ଦିର ଆଦିରେ ଜନ୍ମାଷ୍ଟମୀ ଉତ୍ସବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଅନୁରୂପ ଭାବେ ଚୌଦ୍ୱାର ଗାନ୍ଧୀ ଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟା ସ୍ନିଗ୍ଧା ନାୟକ, ବାଣୀ ଭୂଷଣ ମହାନ୍ତିଙ୍କ ପରିଚାଳନାରେ କୁନିକୁନି ପିଲାଙ୍କ ଦ୍ୱାରା ରାଧା କୃଷ୍ଣ ବେଶ ସହିତ କୃଷ୍ଣ ଜନ୍ମଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**କଟକ ସଦର,(ସୁଶାନ୍ତ କୁମାର ଜେନା):**

କନ୍ଦରପୁର ଓ ନୂଆ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପର୍ବ ପାଳିତ ହୋଇଯାଇଛି। କନ୍ଦରପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୁନି କୁନି ପିଲାମାନେ ଅଭିନୟ ମାଧ୍ୟମରେ ଦହିହାଣ୍ଡି ଭାଙ୍ଗିଥିଲେ। ଶିଶୁମାନେ କୃଷ୍ଣ ବେଶରେ ସଜ୍ଜିତ ହୋଇ କାର୍ଯ୍ୟକ୍ରମରେ ଭାଗନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା, ପ୍ରଣୟ ଜେନା, ଅନସୂୟା ମହନ୍ତ, ରଞ୍ଜନ ନନ୍ଦ, ତ୍ରିଲୋଚନ ହାତୀ, ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ସୋମନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନୂଆ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଉପସଭାପତି ପ୍ରଦୀପ୍ତ ଜେନା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କୋଷାଧ୍ୟକ୍ଷ ପ୍ରଫୁଲ୍ଲ ପାଢ଼ୀ ଶିଶୁଙ୍କୁ ଉତ୍ସାହିତ କରିଥିଲେ। କୁନି କୁନି ଶିଶୁଙ୍କ ଦ୍ୱାରା ଶ୍ରୀକୃଷ୍ଣ ଓ ରାଧା ବେଶ, ଦଧିହାଣ୍ଡି ଭଙ୍ଗା, ଭାଗବତ ଆବୃତ୍ତି ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

**ଆଠଗଡ, (ସତ୍ୟ ପ୍ରସାଦ ରଥ):**

ଆଠଗଡ ବ୍ଲକ ତେଖୋଲି ଗ୍ରାମସ୍ଥିତ ପ୍ରଜ୍ଞାନ ମିଶନର 'ଗୀତା ସୁଗୀତା କର୍ତ୍ତବ୍ୟ' କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ଲକସ୍ତରୀୟ ଶ୍ରୀମଦ ଭାଗତ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଠଗଡ ଏନ୍‌ଏସି ବାଣୀକଣ୍ଠନଗରସ୍ଥିତ ସରସତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୁଧାଂଶୁବାଳା ଦାସ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୪ଟି ବର୍ଗରେ ମୋଟରେ ୬୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୂର୍ବତନ ପ୍ରାଧ୍ୟାପକ ଡ. ନରୋତ୍ତମ ଗାଆଣ, ଡ. ସୁଧାଂଶୁ ବାଳା ଦାସ, ଦେବୀ ପ୍ରସାଦ ଶତପଥୀ, କମଳା କୁମାରୀ ମହାନ୍ତି, ଜଳନ୍ଧର ସାହୁ, ଶୁଭଦର୍ଶିନୀ ଦାସ, ରାମଚନ୍ଦ୍ର ମହାରଣା, ପ୍ରଦୀପ କୁମାର ମହାପାତ୍ର, ତ୍ରିଲୋଚନ ଦାଶ, ସାଧୁ ଯଶୋଦାନନ୍ଦନ ଦାସ ମହାରାଜ, ପୀତବାସ ଦାସଶର୍ମା ଏଂ ପ୍ରଭାତୀ ଦେବୀ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରଜ୍ଞାନ ମିଶନ କ୍ରିୟାଯୋଗର ସନ୍ନ୍ୟାସୀ ସ୍ୱାମୀ ଆଞ୍ଜେନୟାନନ୍ଦ ଗିରି ଓ ସ୍ୱାମୀ ଆନନ୍ଦାନନ୍ଦ ଗିରି ଯଥାକ୍ରମେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୀତାପାଠର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ବିଭୁ ପ୍ରସାଦ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସାଲେପୁର ଶିଶୁ ମନ୍ଦିରରେ ଅନୁଷ୍ଠିତ ଜନ୍ମାଷ୍ଟମୀ ଉତ୍ସବରେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିବା ଛାତ୍ରୀଛାତ୍ରମାନେ ।

## ସଂକ୍ଷେପରେ

### ରାଜପଥ ପାର୍ଶ୍ୱରୁ ବାଇକ୍, ମନ୍ଦିରରୁ ସାମଗ୍ରୀ ଚୋରି

ବୋଲଗଡ଼,୨୬।୮(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଫାସୀଓଦା ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗୀସାହି ଗ୍ରାମର ରମେଶ ସ୍ୱାଇଁ ବାଇକ୍‌କୁ ୫୭ନମ୍ବର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ପାର୍ଶ୍ୱରେ ରଖି ଜମିକୁ ଚାଷକାର୍ଯ୍ୟ ପାଇଁ ଯାଇଥିଲେ। ତେବେ ଚାଷକାମ ସାରି ଫେରିବା ବେଳକୁ ବାଇକ୍‌କୁ କେହି ଦୁର୍ବୃତ୍ତ ନେଇଯାଇଥିଲେ। ଗାଡ଼ି ମାଲିକ ସ୍ୱାଇଁ ବୋଲଗଡ ବଜାରର ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଦେଖିବା ସହ ଥାନାରେ ଏତଲା ଦେଇଥିଲେ। ସେହିପରି ଟାଙ୍ଗୀସାହି ନିକଟ ଡୁଗୁରି ମୁଣ୍ଡିଆ ସ୍ଥିତ ରାମମନ୍ଦିର ପରିସରରୁ ଏକ ସାଉଣ୍ଡବକ୍ସ ମେଶିନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଉଭୟ ଘଟଣାର ପୋଲିସ ଅନୁସନ୍ଧାନ ଜାରି ରଖିଛି।

### ଶ୍ରୀକୃଷ୍ଣ ଜନ୍ମୋତ୍ସବ, ପୁସ୍ତକ ଲୋକାର୍ପିତ

ଖୋର୍ଦ୍ଧା,୨୬।୮(ପ୍ରଭାତ ପାଣିଗ୍ରାହୀ)

ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶ୍ରୀଚୈତନ୍ୟ ବିହାର ଠାରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଓ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଜନ୍ମାଷ୍ଟମୀ ଅବସରରେ ସ୍ୱତନ୍ତ୍ର ନୀତି ହୋଇଥିଲା। ପ୍ରାତଃରୁ ଠାକୁରଙ୍କ ଦ୍ୱାରଫିଟା, ମଙ୍ଗଳ ଆଳତି, ଅନ୍ୟାନ୍ୟ ନୀତି ହୋଇ ମଧ୍ୟାହ୍ନ କୀର୍ତ୍ତନ, ପାରାୟଣ ଏବଂ ଅପରାହ୍ନରେ ଶ୍ରୀକୃଷ୍ଣ ଲୀଳା କୀର୍ତ୍ତନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ଇଂଲିଶ ପୁସ୍ତକ 'ମହାପ୍ରଭୁ ଶ୍ରୀଚୈତନ୍ୟ ଆଟ ଏ ଗ୍ଲାନ୍ସ' କୁ ଲୋକାର୍ପିତ କରାଯାଇଥିଲା। ସନ୍ଧ୍ୟା ଆଳତି ପରେ ମନ୍ଦିର ପରିକ୍ରମା କରିଥିଲେ। ପରେ ଶ୍ରୀକୃଷ୍ଣ ତତ୍ତ୍ୱ 'କୃଷ୍ଣସ୍ତୁ ଭଗବାନ ସ୍ୱୟଂ' ଉପରେ ଆଲୋଚନାଚକ୍ର ହୋଇଥିଲା। ରାତ୍ରି ୮ରୁ ୧୧ଟା ପର୍ଯ୍ୟନ୍ତ ଓଡ଼ିଆ ଭାଗବତର ଶ୍ରୀକୃଷ୍ଣ ଜନ୍ମ ପ୍ରସଙ୍ଗ ସାମୂହିକ ପାରାୟଣା ପାଠ କରିଥିଲେ। ଠାକୁର ଜନ୍ମ ଉତ୍ସବ ପାଳନ, ପୂଜାର୍ଚ୍ଚନା, ପୁଷ୍ପମାଲ୍ୟାର୍ପଣ କରାଯାଇ ନାମ ସଂକୀର୍ତ୍ତନ ସହ ଭକ୍ତମାନେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ପାଳନ କରିଥିଲେ। ପଣ୍ଡିତ ଗୋପବନ୍ଧୁ ପଣ୍ଡା, ସର୍ବେଶ୍ୱର ପଟ୍ଟନାୟକ, ଶିକ୍ଷାବିତ୍ ଜଗଦୀଶ ପଟ୍ଟନାୟକ, ଶିଶିର ରାଉତ, ଯୋଗେଶ୍ୱର ସିଂହ, ବ୍ରଜ ବାବା ପ୍ରମୁଖ ଯୋଗଦେଇଥିଲେ। ଶ୍ରୀଅନନ୍ତ ବାବା ଏବଂ ଜୟନାରାୟଣ ପଟ୍ଟନାୟକ ମହୋତ୍ସବ ପରିଚାଳନା କରିଥିଲେ।

### ଟ୍ରେନ୍‌ରୁ ଖସି ମହିଳା ମୃତ

ବୋଲଗଡ଼,୨୬।୮(ଦେବବ୍ରତ ହୋତା)

ବୋଲଗଡ଼ ରେଳ ଷ୍ଟେଶନ ନିକଟ ବୁଢ଼ା ଗ୍ରାମସ୍ଥିତ ରେଳ ଧାରଣାରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି ରେଲୱେ ପୋଲିସ। ମୃତା ହେଲେ ଡାବରଧୁଆ ଗ୍ରାମର କୁମା ସାହୁ(୪୦)। ସୂଚନା ମୁତାବକ, କୁମା ଭୁବନେଶ୍ୱର ଯିବା ପାଇଁ ବୋଲଗଡ଼ ଟାଉନ ପସେଞ୍ଜର ହଲ୍ଟରେ ଟ୍ରେନରେ ଚଢ଼ିଥିଲେ। ତେବେ ତାଙ୍କୁ ବାନ୍ତି ଲାଗିବାରୁ ସେ ଟ୍ରେନ ଦ୍ୱାର ନିକଟକୁ ଆସି ତଳକୁ ଖସିପଡ଼ିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖୋର୍ଦ୍ଧା ଜିଆରପି ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

# ପ୍ରତିଦିନ ହଜାରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା

ଜଟଣୀ,୨୬।୮(ରବୀନ୍ଦ୍ରନାଥ ମହାକୁଡ଼)

**ନୀଳଚକ୍ର ମାର୍କେଟ ବ୍ୟବସାୟୀ ସଂଘ ପୂଜା କମିଟି**

- ପୂଜାପାଇବେ ୧୩ ଫୁଟ ଉଚ୍ଚର ଶ୍ରୀଗଣେଶ
- ନିୟୋଜିତ ହେବେ ୧୫ ଭଲ୍ୟୁଣ୍ଟିୟର

ସେପ୍ଟେମ୍ବର ୭ରେ ଗଣେଶପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। କାରିଗର, ଆୟୋଜକ ଏବଂ ଶ୍ରଦ୍ଧାଳୁଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀ ସହରର ନୀଳଚକ୍ର ମାର୍କେଟ ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥର ପୂଜାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ନେଇ କମିଟି ପକ୍ଷରୁ ଆକଳନ କରାଯାଇଛି। ୧୩ ଫୁଟ ଉଚ୍ଚର ଶ୍ରୀଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କ ସହିତ ମା'ଲକ୍ଷ୍ମୀ ଏବଂ ସରସ୍ୱତୀ ମଣ୍ଡପର ଶୋଭାକୁ ଦ୍ୱିଗୁଣିତ କରିବ।

୨୫ ବର୍ଷ ପୂର୍ବେ ଜଟଣୀ ଗଣେଶ ପୂଜାରେ ଏହି ଅନୁଷ୍ଠାନ ସାମିଲ ହୋଇଥିବା ବେଳେ ପାଣ୍ଡୁ ସାହୁ, ନରେନ୍ଦ୍ର ପତିଙ୍କ ସମେତ ଅନ୍ୟ ବ୍ୟବସାୟୀ ଏହି ମଣ୍ଡପରେ ପ୍ରଥମେ ପୂଜା ଆରମ୍ଭ କରିଥିଲେ ବୋଲି ବର୍ତ୍ତମାନର ସଭାପତି ସନ୍ତୋଷ କୁମାର ଚୌଧୁରୀ କହିଛନ୍ତି। ତେବେ ପ୍ରଥମ ଅବସ୍ଥାରେ କମ୍ ଉଚ୍ଚର ଗଣେଶଙ୍କୁ ପୂଜା କରାଯାଉଥିବା ବେଳେ ଏବେ ଏହି ମଣ୍ଡପରେ ବିରାଟ ଆକାରରେ ତ୍ରିମୂର୍ତ୍ତିଙ୍କ ପୂଜା ହୋଇଆସୁଛି। ଗତ ୧୫ବର୍ଷ ହେବ ୮୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କ ସହଯୋଗରେ ପୂଜା ଆଡ଼ମ୍ବରରେ ହେଉଛି। ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ୩୦ ଫୁଟ ଉଚ୍ଚର ଦୁଇଟି ଡିଜିଟାଲ ଲାଇଟ୍ ଗେଟ୍ ସହିତ ପେଣ୍ଡାଲକୁ ୪୦ଫୁଟ ଉଚ୍ଚର କପଡା ତୋରଣରେ ସଜ୍ଜିତ କରାଯିବ। ରୀତିନୀତିରେ ୧୧ଦିନ ବ୍ୟାପୀ ଠାକୁରଙ୍କୁ ଆରାଧନା କରାଯିବା ସହିତ ପ୍ରତିଦିନ ବିଭିନ୍ନ ପ୍ରକାର ଭୋଗ ଲାଗି ହୋଇଥାଏ। ପ୍ରତିଦିନ ସନ୍ଧ୍ୟା ଆଳତି ପରେ ଏକ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ଖିରି, ପୁରୀ, ଡାଲମା ଖେଚୁଡ଼ି, ଡାଲମା ଚୁଡା ଘଷା, ଡାଲମା ମାଲପୁଆ ଆଦି ବଣ୍ଟନ କରାଯାଇଥାଏ। ପୂଜା ସମୟରେ ଶାନ୍ତିଶୃଙ୍ଖଳା ଏବଂ ଟ୍ରାଫିକ ନିୟନ୍ତ୍ରଣ ପାଇଁ କମିଶନରେଟ ପୋଲିସ ସହିତ ଅନୁଷ୍ଠାନର ୧୫ଜଣ ଭଲ୍ୟୁଣ୍ଟିୟର ନିୟୋଜିତ ହେବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

**ଏମାନେ ଯାହା କୁହନ୍ତି...**



"ଜଟଣୀ ଗଣେଶ ପୂଜାରେ ଏହି ମଣ୍ଡପର ସ୍ୱତନ୍ତ୍ର ସ୍ଥାନ ରହିଛି। ପୂଜା ଏବଂ ସାଜସଜ୍ଜା ପ୍ରତିଯୋଗିତାରେ ପ୍ରତିବର୍ଷ କିଛି କିଛି ନୂଆ କରିବା ଚେଷ୍ଟାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ସ୍ଥାନୀୟ ବ୍ୟବସାୟୀଙ୍କ ସହଯୋଗରେ ପୂଜାକୁ ସଫଳ ଓ ଆକର୍ଷଣୀୟ କରିବା ପାଇଁ ଚେଷ୍ଟା କରାଯାଉଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଆନନ୍ଦରେ ସମସ୍ତେ ପୂଜା ପାଳନ କରିବା ପାଇଁ ଅନୁରୋଧ କରୁଛି।

**– ସନ୍ତୋଷ କୁମାର ଚୌଧୁରୀ, ସଭାପତି, ନୀଳଚକ୍ର ମାର୍କେଟ ବ୍ୟବସାୟୀ ସଂଘ**



"ପୂଜା ସମୟରେ ସ୍ଥାନୀୟ ଲୋକଙ୍କ ସହିତ ବାହାର ଜିଲାରୁ ମଧ୍ୟ ବହୁ ଦର୍ଶକ ଆସିଥାନ୍ତି। ଏଥର ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଡିଜିଟାଲ ଏଲ୍ଇଡି ଗେଟ୍ ସହିତ କପଡ଼ାର ତୋରଣ କରାଯିବ। ପ୍ରତିଦିନ ସନ୍ଧ୍ୟାରେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରାଯିବ। ପୂଜାକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି।

**– ସତ୍ୟସୁନ୍ଦର ସ୍ୱାଇଁ, ସମ୍ପାଦକ, ନୀଳଚକ୍ର ମାର୍କେଟ ବ୍ୟବସାୟୀ ସଂଘ**



ଜନ୍ମାଷ୍ଟମୀ ଅବସରରେ ସୋମବାର ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶ୍ରୀଚୈତନ୍ୟ ବିହାର ଠାରେ ଅତିଥିଙ୍କ ଦ୍ୱାରା ଇଂଲିଶ ପୁସ୍ତକ ଉନ୍ମୋଚନ କରାଯାଉଛି।

# ବାଇଧର ସଭାପତି, ପଦ୍ମଚରଣ ସାଧାରଣ ସମ୍ପାଦକ

**ମଦନମୋହନ ଦେବଙ୍କ ନୂତନ ପରିଚାଳନା କମିଟି ଗଠିତ**

ଜଟଣୀ,୨୬।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପାତ୍ରପଡାସ୍ଥିତ ମଦନ ମୋହନ ଦେବଙ୍କ ନୂତନ ପରିଚାଳନା କମିଟି ସୋମବାର ଗଠିତ ହୋଇଛି। ଜଟଣୀ ପୂର୍ବ ଓଡ଼ିଶା ଧନୁଯାତ୍ରା ଅନୁଷ୍ଠାନର ଆରାଧ୍ୟ ମଦନମୋହନ ଦେବଙ୍କ ଜନ୍ମାଷ୍ଟମୀ ଉତ୍ସବ ଓ ନନ୍ଦୋତ୍ସବ ମହାସମାରୋହରେ ପାଳନ କରାଯାଇଛି। ବୈଠକରେ ମନ୍ଦିର ପରିଚାଳନା କମିଟିର ସଭାପତିଭାବେ ବାଇଧର ପ୍ରଧାନ, ସାଧାରଣ ସମ୍ପାଦକ ପଦ୍ମ ଚରଣ ପ୍ରଧାନ, ଉପସଭାପତି ଲଲାଟେନ୍ଦୁ ବେବର୍ତ୍ତା, ସହ ସମ୍ପାଦକ ମନମୋହନ ରାଉତରାୟ, କୋଷାଧ୍ୟକ୍ଷଭାବେ ମନୋଜ କୁମାର ସାହୁ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟଭାବେ ଅଭିମନ୍ୟୁ ପ୍ରଧାନ, ନରହରି ସ୍ୱାଇଁ, ତାରେଶ୍ୱର ସ୍ୱାଇଁ, ନାରାୟଣ ମହାନ୍ତି, କେଳୁ ଚରଣ ସାହୁ, ଲକ୍ଷ୍ମୀଧର ବିଶ୍ୱାଳ, ଡମ୍ବରୁଧର ଦଳେଇ, ପ୍ରମୋଦ ଦାସ, ଅଶୋକ ମଙ୍ଗରାଜ, ବିଜୟ ବେବର୍ତ୍ତା ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ଅନୁଷ୍ଠାନର ଉନ୍ନତି ଏବଂ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ପାଇଁ ଅଧିକ କାର୍ଯ୍ୟକରିବେ ବୋଲି ନୂତନ କର୍ମକର୍ତ୍ତାମାନେ ଶପଥ ନେଇଛନ୍ତି।

# ଅଭିଯୁକ୍ତ ଗିରଫ: ସ୍କୁଟି, ସାଇକେଲ, ମୋବାଇଲ ଜବତ

**ଖୋର୍ଦ୍ଧା ଅତିରିକ୍ତ ଜିଲାପାଳଙ୍କ ଘରୁ ଚୋରି ମାମଲା**

କଟକ,୨୬।୮(କାର୍ତ୍ତିକ ସାହୁ)

ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ବାରବାଟୀ ଷ୍ଟାଡିୟମ ପଛପାର୍ଶ୍ୱସ୍ଥିତ ବାସଭବନରୁ ଚୋରି ମାମଲାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଘର ବାହାରେ ଲାଗିଥିବା ସିସିଟିଭି କ୍ୟାମେରାରୁ ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ସହଜ ହୋଇଛି। ଅଭିଯୁକ୍ତ ଜଣକ ହେଲେ କଟକ ପଟ୍ଟାପୋଲ ଅଞ୍ଚଳର ଲୋକୁ ଓରଫ ସେକ୍ ଅବ୍‌ଦୁଲ ଫକୀର(୨୮)। ଅଭିଯୁକ୍ତଙ୍କଠାରୁ ଏକ ଚୋରା ନମ୍ବରବିହୀନ ସ୍କୁଟି, ଏକ ଚୋରା ସାଇକେଲ, ଗୋଟିଏ ମୋବାଇଲ୍ ଫୋନ୍ ଓ ନଗଦ ୭୨୦ ଟଙ୍କା ଜବତ ହୋଇଛି। ଅଭିଯୁକ୍ତଙ୍କ ନାମରେ କ୍ୟାଣ୍ଟନ୍‌ମେଣ୍ଟ ଥାନାରେ ୯ଟି ଓ ମଙ୍ଗଳାବାଗ ଥାନାରେ ୧ଟି ମାମଲା ଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି।

ସୂଚନା ଅନୁସାରେ, ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ବାରବାଟୀ ଷ୍ଟାଡିୟମ ପଛପାର୍ଶ୍ୱ ଅଞ୍ଚଳରେ ଥିବା ବାସଭବନରେ ଗତ ୧୨ ତାରିଖରେ ଚୋରି ହୋଇଥିଲା। ପୂର୍ବାହ୍ନ ପ୍ରାୟ ୧୧.୩୦ରୁ ଅପରାହ୍ନ ୧ଟା ମଧ୍ୟରେ ଘରେ କେହି ନ ଥିବା ସୁଯୋଗରେ ଜଣେ ଅଜଣା ବ୍ୟକ୍ତି ବାସଭବନ ପରିସରକୁ ପ୍ରବେଶ କରିଥିଲେ। ଠାକୁର ଘର ଝରକା ଦେଇ କୌଶଳକ୍ରମେ ଉକ୍ତ ବ୍ୟକ୍ତି ପ୍ରାୟ ୯ ହଜାର ଟଙ୍କା ଚୋରିକରି ନେଇଥିଲେ। ଅଭିଯୋଗକାରୀଙ୍କ ସମ୍ପର୍କୀୟ ଭାଇ ଦିନ ପ୍ରାୟ ୧୨ଟା ୫୫ରେ ଉକ୍ତ ଘରେ ପହଞ୍ଚି କେହି ଜଣେ ପାଚେରି ଡେଇଁ ଦୌଡ଼ି ପଳାଉଥିବାର ଦେଖିଥିଲେ। ଏହାପରେ ଅତିରିକ୍ତ ଜିଲାପାଳ ବେଉରା କ୍ୟାଣ୍ଟନମେଣ୍ଟ ଥାନାରେ ଏତଲା ଦେଇଥିଲେ। ଥାନାରେ ଏ ନେଇ କେସ୍ (ନଂ.୧୨୬/୨୦୨୪) ରୁଜୁ ହେବା ପରେ ପୋଲିସ ମାମଲାର ତଦନ୍ତ କରିଥିଲା। ଚୋରି ହୋଇଥିବା ଘର ସମେତ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା ପୋଲିସ ଯାଞ୍ଚ କରିଥିଲା। ତେବେ ଧଳା ଟି-ଶାର୍ଟ ଓ କଳା ହାଫ୍ ପ୍ୟାଣ୍ଟ ପିନ୍ଧି ପିଠିରେ କଳା-ହଳଦିଆ ରଙ୍ଗର ଏକ ବ୍ୟାଗ୍ ପକାଇଥିବା ଯୁବକଙ୍କୁ ଉକ୍ତ ଘରର ମୁଖ୍ୟ ଦରଜା ଦେଇ ଭିତରକୁ ପଶିବାର ଠାବ କରାଯାଇଥିଲା। ଭିତରକୁ ପ୍ରବେଶ କରିବା ପରେ ସେ ଏଣେତେଣେ ଖୋଜାଖୋଜି କରୁଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଥିଲା। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ବୀରେନ୍ ମିତ୍ର ପାର୍କ ନିକଟରୁ ଗିରଫ କରାଯାଇଥିଲା।



ଗିରଫ ଅଭିଯୁକ୍ତ ଏବଂ ଜବତ ସ୍କୁଟି, ସାଇକେଲ ଓ ମୋବାଇଲ ଫୋନ।

# ୫-ଟି ଶିକ୍ଷାନୁଷ୍ଠାନ ରୂପାନ୍ତରଣ କାର୍ଯ୍ୟ ଅଧାପନ୍ତରିଆ

ବୋଲଗଡ଼,୨୬।୮(ଦେବବ୍ରତ ହୋତା)

ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ଅନ୍ତର୍ଗତ ୫-ଟି କାର୍ଯ୍ୟ ପାଇଁ ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତର ଦେଉଳିସ୍ଥିତ ଶ୍ରୀରାଧାମାଧବ ସଂସ୍କୃତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଏବଂ ଶ୍ରୀରାଧାମାଧବ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ ରୂପାନ୍ତରଣ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏ ୫୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କାର୍ଯ୍ୟ ମଧ୍ୟରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ଗୋଟିଏ ସ୍ମାର୍ଟ କ୍ଲାସରୁମ, ଗୋଟିଏ ଇ-ଲାଇବ୍ରେରି, ତିନୋଟି କମନରୁମ ଉନ୍ନତୀକରଣ, ଖେଳପଡିଆ, ଶିକ୍ଷାନୁଷ୍ଠାନ ପରିସର ଓ ପ୍ରବେଶଦ୍ୱାର ଉନ୍ନତୀକରଣ ଏବଂ ସ୍ନାତକ କଲେଜ ପାଇଁ ଗୋଟିଏ ସ୍ମାର୍ଟ କ୍ଲାସରୁମ, ଗୋଟିଏ କମନରୁମର ଉନ୍ନତୀକରଣ, କ୍ୟାମ୍ପସ ବାହାର କଲର, ୱାଶ ଫାସିଲିଟି, ଡ୍ରିଙ୍କିଂ ୱାଟର ସିଷ୍ଟମ, ଖେଳପଡିଆ ଓ କଲେଜ ପରିସର ଉନ୍ନତୀକରଣ, ବିଦ୍ୟୁତୀକରଣ ଓ ପାର୍କିଂ ଫାସିଲିଟି ଆଦି କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟ କରିବା ପାଇଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ବିଭାଗୀୟ କାର୍ଯ୍ୟାଦେଶ ପାଇଥିଲା। ଏହା ସହ କଲେଜର ଇନ୍‌ଫ୍ରାଷ୍ଟ୍ରକ୍ଟର ଗ୍ରାଣ୍ଟ ଅନୁଦାନ ଅର୍ଥ ୧୩ଲକ୍ଷ ୫୦ହଜାର ଟଙ୍କା ମଧ୍ୟ ପଞ୍ଚାୟତ ସମିତିକୁ ହସ୍ତାନ୍ତର କରାଯାଇଥିଲା। ତେବେ ବିଭାଗ ପକ୍ଷରୁ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରା ନ ଯାଇ ଫାଇନାଲ ବିଲ୍ ହୋଇଥିବା ଆଶଙ୍କା ପ୍ରକାଶ କରି କାର୍ଯ୍ୟରେ ହୋଇଥିବା ଅନିୟମିତତା ବାବଦରେ କଲେଜ କର୍ତ୍ତୃପକ୍ଷ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ନୂତନ ଭାବେ ନିର୍ମିତ ଶୌଚାଳୟରେ ଏକ୍ଜିଟ ଫ୍ୟାନ ଲାଗିନାହିଁ କିମ୍ବା ଡ୍ରେନେଜ ୱାଟର ପାଇଁ ଟାଙ୍କିର ବ୍ୟବସ୍ଥା ହେଇନି। ସେହିପରି ଇ-ଲାଇବ୍ରେରି ପାଇଁ ୧୦ଟି କମ୍ପ୍ୟୁଟର ଓ ଟିଭି ବ୍ୟବସ୍ଥା କରାଯାଇନାହିଁ। ପାନୀୟଜଳ ବ୍ୟବସ୍ଥା ଅଧାପନ୍ତରିଆ ଭାବେ ପଡିରହିଛି। ପୂର୍ବରୁ ଥିବା ଲାଟ୍ରିନ ନବୀକରଣ ହୋଇଥିଲେ ମଧ୍ୟ ଜଳ ନିଷ୍କାସନ ବ୍ୟବସ୍ଥା ହୋଇନି କିମ୍ବା କବାଟ ଲାଗିନି। ଅପରପକ୍ଷରେ ଏହି ସବୁ କାର୍ଯ୍ୟ ସମ୍ପାଦନ ବେଳେ ଅନୁଷ୍ଠାନର ଚାରୋଟି ଲଙ୍ଗ ବେଞ୍ଚ, ତିନୋଟି ହାଇଡେସ୍କ, ଚାରୋଟି ଟଗରା, ଦୁଇଟି ଫାଉଡ଼ା, ଗୋଟିଏ ଗଇଁତି, ତିନୋଟି ବାଲ୍ଟି ଓ ୨ଶହ ମିଟର ପାଣି ପାଇପ ବ୍ୟବହାର କରିବା ଦ୍ୱାରା ନଷ୍ଟ ହୋଇଯାଇଛି। କଲେଜର ପ୍ରତ୍ୟେକ ରୁମରେ ଲାଗିଥିବା ସିସିଟିଭି କ୍ୟାମେରା ଖୋଲି ନଷ୍ଟ କରିଦେବାରୁ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କଲେଜ ତହବିଲରୁ ୪୦ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ଲାଗିଥିବା ଆକ୍ୱାଗାର୍ଡର ବାସ୍ତବିକ ମୂଲ୍ୟ ୫୩,୫୦୦ଟଙ୍କା ହୋଇଥିବା ବେଳେ ଭାଉଚରରେ ୯୦,୨୧୦ଟଙ୍କା ଦର୍ଶାଯାଇଛି। ଇଲେକ୍ଟ୍ରିଫିକେସନ କାର୍ଯ୍ୟରେ ଲାଗିଥିବା ଏମସିବି ଗୁଡ଼ିକ ନିମ୍ନମାନର ହୋଇଥିବାରୁ ଫ୍ୟାନ ଓ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ଗୁଡିକ ଠିକ ଭାବେ କାର୍ଯ୍ୟ କରୁନାହିଁ। ଏହି ସବୁ କାର୍ଯ୍ୟ ସମ୍ପୂର୍ଣ୍ଣ ଏବଂ ସମସ୍ୟାର ତୁରନ୍ତ ସମାଧାନ କରାନଗଲେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଫେରାଦ ହେବେ ବୋଲି କଲେଜ କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି। ଏନେଇ ବିଡିଓ ଶରତ ମଲ୍ଲିକଙ୍କୁ ପଚାରିବାରୁ ସେ ସହକାରୀ ଯନ୍ତ୍ରୀଙ୍କ ଠାରୁ ବୁଝିବାକୁ କହିଥିଲେ। ଅନ୍ୟପଟେ ସହକାରୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି କହିଛନ୍ତି, ଅଭିଯୋଗ ପାଇବା ପରେ କଲେଜ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଛି। ଏହି କାର୍ଯ୍ୟର ଫାଇନାଲ ବିଲ୍ ହୋଇନାହିଁ। ଯାହା ସମସ୍ୟା ରହିଛି ତାର ସମାଧାନ କରାଯିବ। ଅଧ୍ୟକ୍ଷଙ୍କଠାରୁ ୟୁ.ସି ପାଇବା ପରେ ଏହାର ବିଲ୍ ପୈଠ କରାଯିବ।

# ଗାଁ ସାଥୀ ସଂଘର ପ୍ରସ୍ତୁତି ବୈଠକ



ବୋଲଗଡ଼,୨୬।୮(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗାଁ ସାଥୀ (ମେଟ୍) ସଂଘର ଏକ ପ୍ରସ୍ତୁତି ବୈଠକ ସୋମବାର ରାଜସୁନାଖଳାସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କମଳାକାନ୍ତ ବେବର୍ତ୍ତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଞ୍ଚଳର ୧୯ଟି ପଞ୍ଚାୟତର ବିଭିନ୍ନ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଗାଁ ସାଥୀ ଯୋଗଦେଇଥିଲେ। ଏଥିରେ ଗାଁ ସାଥୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଏହାର ସମାଧାନ ନିମନ୍ତେ ସ୍ଥାନୀୟ ବିଡିଓ ଏବଂ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ ନିମନ୍ତେ ନିଷ୍ପତ୍ତି ହୋଇଛି। ଗ୍ରାମସାଥୀମାନଙ୍କୁ ବ୍ଲକ ଓ ପଞ୍ଚାୟତସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଜନଶୁଣାଣିକୁ ଡକାଯାଉ ନ ଥିବାରୁ ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ବର୍ଷ ବର୍ଷ ଧରି ଗାଁ ସାଥୀମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଉ ନ ଥିବା ନେଇ କୋଷାଧ୍ୟକ୍ଷ ସୁରେଶ ସେନାପତି ଅଭିଯୋଗ କରିଥିଲେ। ସେହିପରି ଗ୍ରାମ ସାଥୀମାନଙ୍କୁ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଉଥିବା ଅଭିଯୋଗ ସହ ଏନେଇ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣିରେ ଯୋଗଦେଉଥିବା ପିଡି (ଡିଆରଡିଏ)ଙ୍କୁ ଘେରାଉ କରିବା ସହ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବ। ଦାବିଗୁଡ଼ିକ ହେଲା ଗାଁ ସାଥୀମାନଙ୍କୁ ପରିଚୟପତ୍ର ପ୍ରଦାନ, ସରକାରଙ୍କ ଚିଠି ଅନୁଯାୟୀ ଗାଁ ସାଥୀମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ୧୦ଦିନର କାର୍ଯ୍ୟ ଯୋଗାଣ, ଗାଁ ସାଥୀଙ୍କ ନାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର କାର୍ଯ୍ୟାଦେଶ ଦେବା, ଗାଁ ସାଥୀଙ୍କୁ ଭେଣ୍ଡର ଭାବେ ଅବସ୍ଥାପିତ କରାଯାଉ, ଗାଁ ସାଥିଙ୍କୁ ତାଲିମ ପ୍ରଦାନ କରିବା, ଗାଁ ସାଥୀଙ୍କ ଜ୍ଞାତରେ ପ୍ରକଳ୍ପ ଅନୁମୋଦନ, ବ୍ଲକ ଓ ପଞ୍ଚାୟତସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣିରେ ଗାଁ ସାଥୀ(ମେଟ୍) ମାନଙ୍କୁ ସାମିଲ କରାଯିବା ଆଦି ଦାବି ରହିଛି। ଶେଷରେ ସଂଘ ଉପଦେଷ୍ଟା ମହେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

# ମୁକୁନ୍ଦପ୍ରସାଦରେ ହିଂସା ଘଟଣା

## ଗ୍ରାମ୍ୟ କମିଟିର ଏସ୍‌ପିଙ୍କୁ ଦାବିପତ୍ର

ଖୋର୍ଦ୍ଧା,୨୬।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଜଟଣୀ ବାଇପାସ୍ ନିକଟ ଚାଚରା ଶବରସାହି ଛକଠାରେ ମୁକୁନ୍ଦପ୍ରସାଦ ଅଞ୍ଚଳର ମହମ୍ମଦ ସାଜିଦ ଓରଫ ସାଜୁଙ୍କୁ ରବିବାର ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣା ପରେ ମୁକୁନ୍ଦପ୍ରସାଦରେ ଉତ୍ତେଜନା ପ୍ରକାଶ ପାଇବା ସହ ହିଂସା ଘଟିଥିଲା। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଦୁଇ ଶହରୁ ଊର୍ଦ୍ଧ୍ୱ ଯୁବକ ମାରଣାସ୍ତ୍ରରେ ଆକ୍ରମଣ ସହ ଢେଲାପଥର ମାଡ଼ କରିବା ସହ ସାମ୍ପ୍ରଦାୟିକ ହିଂସା ସୃଷ୍ଟି କରିଥିବା ନେଇ ମୁକୁନ୍ଦପ୍ରସାଦ ଗ୍ରାମ୍ୟ କମିଟି ପକ୍ଷରୁ ଶତାଧିକ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କୁ ପ୍ରଦାନ କରାଯାଇଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, ମୁକୁନ୍ଦପ୍ରସାଦର ଦଧିବାମନ ସାହି, ବଉଳସାହି, ମାଳିସାହି, ପୋଡ଼ାସାହି ସମେତ ଅନ୍ୟସ୍ଥାନରେ ପାକିସ୍ତାନ ଜିନ୍ଦାବାଦ ନାରା ଦେଇ ଏକାଧିକ ଯାନବାହନରେ ଯୁବକମାନେ ଅନେକଙ୍କ ଘରେ ପଶି ଭଙ୍ଗାରୁଜା, ପୋଡ଼ାଜଳା କରିଥିଲେ। ଏଥିସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାରଣାସ୍ତ୍ରରେ ଘର କବାଟ, ଝରକା ଭାଙ୍ଗିଥିଲେ। ଖଣ୍ଡା, କାତି, କଟୁରି ଧରି ଲୋକଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ସମାଜରେ ଅରାଜକତା ସୃଷ୍ଟି କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଗ୍ରାମବାସୀ ଦାବି କରିଛନ୍ତି।

### ପୋଲିସର ଅବହେଳାକୁ ଦାୟୀ କଲେ

ଦୀର୍ଘ କିଛି ମାସ ହେବ ମୁକୁନ୍ଦପ୍ରସାଦରେ ଦୁଇ ଗୋଷ୍ଠୀ ମଧ୍ୟରେ ଗୋଚାଲାଣ, ଗୋମାଂସ ଜବତ ଘଟଣାକୁ ନେଇ ଛକାପଞ୍ଝା ଲାଗି ରହିଛି। ଏଥିସହିତ ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଘଟିଥିବା ଗଣ୍ଡଗୋଳକୁ ନେଇ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁକରି ନୀରବ ରହିଗଲା। ସେହିପରି ଟାଉନ ଥାନା ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ଏକ ମାର୍କେଟ କମ୍ପ୍ଲେକ୍ସ ନିକଟରେ ପୋଡାସାହିର ଦୁଇ ଜଣ ଯୁବକଙ୍କୁ ତୋଟାପଡାର ଏକାଧିକ ଲଘୁ ସମ୍ପ୍ରଦାୟର ଯୁବକ ଟେକି ନେଇ ଆକ୍ରମଣ ଘଟଣାରେ ପୋଲିସ ମାମଲା ରୁଜୁ କରି ନୀରବ ରହିଲା। ଆଇନଶୃଙ୍ଖଳାକୁ ସଜାଡିବାରେ ପୋଲିସର ଅବହେଳା, ଦାୟିତ୍ୱହୀନତା ଯୋଗୁ ଏଭଳି ଘଟଣା ଘଟିଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ଗୋଶାଳାରେ ଗୋରୁଙ୍କୁ ହାଣିବାକୁ ନେଇ ଅସନ୍ତୋଷ

ଖୋର୍ଦ୍ଧା,(ପ୍ରଭାତ ପାଣିଗ୍ରାହୀ)

ପିଏନ୍ କଲେଜ ରୋଡରେ ଶ୍ରୀଜଗନ୍ନାଥ ଫାଉଣ୍ଡେଶନ ଦ୍ୱାରା ନିର୍ମିତ ଗୋଶାଳାରେ ଭଙ୍ଗାରୁଜା, ଗୋରୁଗାଈଙ୍କୁ ହାଣିବାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର କେତେଜଣ ଅସମାଜିକ ଯୁବକ ଗୋଶାଳାରେ ପଶି ପଙ୍ଖା, ଏଲ୍‌ଇଡି ବଲ୍‌ବ, ଆସବାବପତ୍ର ଭଙ୍ଗାରୁଜା ସହ ଗୋଶାଳାରେ ଥିବା ଏକ ଷଣ୍ଢ ଗୋଡକୁ ଚୋଟ ମାରିଥିବା ବେଳେ ଏକ ବାଛୁରିକୁ ଖଣ୍ଡାରେ ହାଣି ଦେଇଥିବା ଗୋଶାଳାରେ କାର୍ଯ୍ୟରତ କର୍ମଚାରୀମାନେ କହିଛନ୍ତି। ଗୋଶାଳା ଆଗରେ ପୋଲିସ ମୁତୟନ ମଧ୍ୟ ରହିଛନ୍ତି। ଏନେଇ ମଳିପଡ଼ା ମଠାଧୀଶ ମହନ୍ତ ବିଶ୍ୱମ୍ଭର ମହାରାଜ କହିଛନ୍ତି, ଏହି ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଗୋମାତାକୁ ଅପମାନ ଅର୍ଥାତ ସମଗ୍ର ହିନ୍ଦୁ ସଂସ୍କୃତି ପ୍ରତି କୁଠାରଘାତ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେହିପରି ବରିଷ୍ଠ ଆଇନଜୀବୀ ଅଜିତ୍ ପଟ୍ଟନାୟକ କହିଛନ୍ତି, ଗୋଶାଳାରେ ପଶି ଗୋରୁଗାଈଙ୍କୁ ଆକ୍ରମଣ ନିନ୍ଦନୀୟ। ହିନ୍ଦୁ ସମାଜ କେବେ ବି କ୍ଷମା ଦେବନି। ବାଂଲାଦେଶ ଭଳି ସମସ୍ୟା ସୃଷ୍ଟି କଲେ, ଉଚିତ ଜବାବ ଦିଆଯିବ। ସଂସ୍କୃତି ଗବେଷକ ଶକ୍ତିଶଙ୍କର ମିଶ୍ର କହିଛନ୍ତି, ଏହା ଦୁଃଖଦାୟକ ଘଟଣା। ଗୋମାତାଙ୍କ ଉପରେ ଆକ୍ରମଣକୁ ନିନ୍ଦା କରୁଛି। ଯଦି ସମ୍ପୃକ୍ତ ଗୋଷ୍ଠୀ ଏଥିରୁ ନିବୃତ୍ତ ନ ରୁହନ୍ତି, ଆଗାମୀ ଦିନରେ ଏହାର ପ୍ରତିବାଦ କରାଯିବ। ଏନେଇ ଏସ୍‌ପି ଅବିନାଶ କୁମାର କହିଛନ୍ତି, ଘଟଣା ଉପରେ ପ୍ରଶାସନ ଏବଂ ପୋଲିସ ପକ୍ଷରୁ ନଜର ରଖାଯାଇଛି। କୌଣସି ଅପ୍ରତିକର ପରିସ୍ଥିତିକୁ ପ୍ରଶ୍ରୟ ଦିଆଯିବ ନାହିଁ। କେହି ବି ଆଇନକୁ ହାତକୁ ନେଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ପୁରୀ ଘୋଡାବଜାର ସରସ୍ୱତୀ ଶିଶୁମନ୍ଦିରରେ ରାଧାକୃଷ୍ଣ ବେଶରେ ସଜେଇ ହୋଇଥିବା ପିଲାମାନେ ।



ପୁରୀ ମଧୁବନ ସରସ୍ୱତୀ ଶିଶୁମନ୍ଦିରରେ ରାଧାକୃଷ୍ଣ ବେଶଧାରୀ ପିଲାମାନେ ଦୋଳି ଖେଳୁଛନ୍ତି ।



ଅସ୍ତରଙ୍ଗ



ଗୋପ ବାଲିପଡ଼ିଆ ସରସ୍ୱତୀ ଶିଶୁମନ୍ଦିର ।



ପିପିଲିରେ ଜନ୍ମାଷ୍ଟମୀ ଅବସରରେ ଆୟୋଜିତ ଶୋଭାଯାତ୍ରା ।



ଡେଲାଙ୍ଗ



କଣାସ

## କଣାସରେ ଜନ୍ମାଷ୍ଟମୀ

କଣାସ,୨୬।୮ (ବିଭୂତି ଭୂଷଣ ତ୍ରିପାଠୀ)

ମହାପ୍ରତାପି କଂସ ମାମୁଙ୍କୁ ବଧ କରିବାକୁ ଜନ୍ମ ନେଇଥିବା ମାନବ ରୂପି ଭାଗବାନ କୃଷ୍ଣଙ୍କ ଜନ୍ମୋତ୍ସବ ସବୁଠି ପାଳିତ ହେଉଛି। ସେହି ଅନୁଯାୟୀ ପୁରୀ ଜିଲା କଣାସ ବ୍ଲକର ପୁରପଲ୍ଲୀରେ ଜନ୍ମାଷ୍ଟମୀ ପର୍ବ ସୋମବାର ମହାସମାରୋହରେ ପାଳିତ ହୋଇଯାଇଛି। ସରସ୍ୱତୀ ବିଦ୍ୟାମନ୍ଦିର ଏବଂ ବିବେକାନନ୍ଦ ବିଦ୍ୟାନିକେତନ ଛାତ୍ରୀଛାତ୍ର କୃଷ୍ଣ, ବଳରାମ, ସୁଦାମ, ସୁବଳ, ନନ୍ଦରାଜା, ଯୋଶୋଧା ରାଣୀ, କୁବୁଜା, କଂସ, ଡଗର ଓ ବିଭିନ୍ନ ବେଶରେ ବେଶ ହୋଇ ଗ୍ରାମ ପରିକ୍ରମା କରୁଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ପରିବାରେ ଜନ୍ମାଷ୍ଟମୀ ପାଇଁ ପୂଜାର୍ଚ୍ଚନା ଲାଗି ରହିଥିବାବେଳେ ମଠ ମନ୍ଦିରରେ ଜନ୍ମାଷ୍ଟମୀ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ତ୍ରିଲୋଚନପୁର ସରସ୍ୱତୀ ଶିଶୁ ମନ୍ଦିରର କୋମଳମତି ଛାତ୍ରୀଛାତ୍ର ବିଭିନ୍ନ ବେଶରେ ସଜିତ ହୋଇ ଆଖପାଖର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ।

# ରାଧାକୃଷ୍ଣ ବେଶରେ ସଜେଇହେଲେ ଶିଶୁ

ପୁରୀ/ ପିପିଲି,୨୬।୮ (ଅଜିତ୍ କୁମାର ମହାନ୍ତି/ ପ୍ରଭାତ କୁମାର ମହାପାତ୍ର)

ବିଭିନ୍ନ ବିଦ୍ୟାଳୟ ଏବଂ ଅନୁଷ୍ଠାନରେ ସୋମବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି। ସେହିପରି ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବୃନ୍ଦାବନବାସୀ ଶ୍ରୀପାଦ ସନାତନ ପ୍ରଭୁଜୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସହପ୍ରଧାନ ଆଚାର୍ଯ୍ୟ ବିଷ୍ଣୁପ୍ରସାଦ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର, ପରିଚାଳନା ସମିତର ଉପସଭାପତି ପ୍ରସନ୍ନ କୁମାର ନାୟକ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ବିଶୋଇ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଶିଶୁ ବାଟିକା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରବଚକ ସୁଶାନ୍ତ କୁମାର ନାୟକ ଯୋଗଦେଇଥିଲେ। ରାଧାକୃଷ୍ଣ ପୂଜନ ସହ ଦୋଳନ କରାଯାଇଥିଲା। ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। କୃଷ୍ଣଙ୍କୁ ପୂଜନ ଓ ଭାଗବତ ପଠନ କରାଯାଇଥିଲା। କୁନି କୁନି ଶିଶୁମାନେ ରାଧା ଓ କୃଷ୍ଣ ବେଶରେ ସଜେଇ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ରଥଯାତ୍ରା ଧାରା ବିବରଣୀ ପ୍ରବଚକ ଶଶୀଭୂଷଣ ରଥ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ଅତିଥି ପରିଚୟ ଏବଂ ପରିଚାଳନା ସମିତି ସଭ୍ୟା ସ୍ୱର୍ଣ୍ଣଲତା ଦାଶ ଧନ୍ୟବାଦ ଦେଇଥିଲେ।

ପିପିଲି ବ୍ଲକ ଅଧୀନ ହାଟସାହି ପଞ୍ଚାୟତ ଭୂଇଁଗୁଣ୍ଡ ଗ୍ରାମରେ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀରେ ସେହି ଗ୍ରାମର କୁନିକୁନି ପିଲା ଓ ମହିଳାଙ୍କୁ ନେଇ ଏକ ଶ୍ରୀକୃଷ୍ଣ ପୂଜନ ଏବଂ ବେଶ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ଦ୍ୱାରା ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସଭାପତି ପ୍ରଭାତ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିଳ୍ପପତି ଅରୁଣ ଶତପଥୀ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ନୃସିଂହ ପ୍ରଧାନ, ସହ ସଂଗଠନ ସମ୍ପାଦକ ଅଭିମନ୍ୟୁ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଦୀପ ପ୍ରଜ୍ୱଳନ ପରେ ମହିଳାମାନେ ଶ୍ରୀକୃଷ୍ଣ ପୂଜନ ଓ ଆଳତି ବନ୍ଦାପନା କରିଥିଲେ। ମହାପାତ୍ର ପିଲାଙ୍କୁ ବାଳକ କୃଷ୍ଣଙ୍କ ମହନୀୟ ଗୁଣ ଓ ସାମାଜିକ ବନ୍ଧୁତା ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ପିଲାଙ୍କୁ ଅନେକ ଉପାଦେୟ ଉପଦେଶ ଦେଇଥିଲେ। ସଂସ୍କାର ଓ ଚରିତ୍ର ନିର୍ମାଣ ଭୂମିକାରେ ପିଲାମାନେ ରାଧାକୃଷ୍ଣ ଓ ମା'ମାନେ ଯଶୋଦା ଅଭିନୟ ଏବଂ ନୃତ୍ୟ ମାଧ୍ୟମରେ ବେଶ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ସେହି ଗ୍ରାମର ମା' ଭାରତୀ ଶିକ୍ଷା ଓ ସଂସ୍କାର କେନ୍ଦ୍ରର ପ୍ରଶିକ୍ଷିକା ସତ୍ୟଭାମା ବେହେରା, ସସ୍ମିତା ରାଉତ, ସୁନିତା ବେହେରା ପରିଚାଳନା କରିଥିଲେ। ଉର୍ମିଳା ବେହେରା ଓ ମାଧବ ବେହେରା ଏଥିରେ ସହଯୋଗ କରିଥିଲେ।

## ଆଧ୍ୟାତ୍ମିକ ଚିନ୍ତନ ଦ୍ୱାରା ଶିକ୍ଷାର ବିକାଶ ହୋଇଥାଏ

ଗୋପ,୨୬।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଆଧ୍ୟାତ୍ମିକ ଚିନ୍ତନ ଦ୍ୱାରା ଶିକ୍ଷାର ବିକାଶ ହୋଇଥାଏ। ଏହି ଆଧ୍ୟାତ୍ମିକ ଚିନ୍ତାଧାରା ଛାତ୍ରୀଛାତ୍ରଙ୍କୁ ଆଗକୁ ନେଇଥାଏ। ସୋମବାର ଗୋପ ବାଲି ପଡ଼ିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମରେ ସ୍କୁଲର ଆଚାର୍ଯ୍ୟ ତୋଫାନ ଦଳାଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଏହା କହିଛନ୍ତି। ଜନ୍ମାଷ୍ଟମୀ ଉପଲକ୍ଷେ ଶତାଧିକ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶରେ ବଜାର ଓ ବିଭିନ୍ନ ଗାଁ ପରିକ୍ରମା କରିଥିଲେ। କେତେକ ସ୍ଥାନରେ କୃଷ୍ଣ ଓ ରାଧାଙ୍କ ଚରିତ୍ର ଉପରେ ଲୋକଙ୍କୁ ମନେ ପକାଇବାବେଳେ ଓଡ଼ିଆ ଘରର ସଂସ୍କୃତି, ପରମ୍ପରା ଉଜ୍ଜୀବିତ ଉପରେ ଗୁରୁତ୍ୱ ଦେବାକୁ ନାଟକ ମାଧ୍ୟମରେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ପ୍ରବଚକ ବିମ୍ବାଧର ସେନାପତି, ସ୍କୁଲ ସମ୍ପାଦକ ସତ୍ୟନାରାୟଣ ସେନାପତି ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଚାରିଛକ ସରସ୍ୱତୀ ଶିଶୁମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ

ଚାରିଛକ,୨୬।୮ (ଶିଶିର ସ୍ୱାଇଁ)

ଚାରିଛକ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଜନ୍ମାଷ୍ଟମୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଶିଶୁ ମନ୍ଦିର ସମ୍ପାଦକ ବିଜୟ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପ୍ରକାଶଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ଅନୁଷ୍ଠାନ ଗୁରୁଜୀ ମାନସ ବାରିକ୍ ମଞ୍ଚ ପରିଚାଳନା କରିଥିଲେ। ଜନ୍ମାଷ୍ଟମୀ ଉତ୍ସବ ପ୍ରତିଯୋଗିତାରେ ବିଚାରକ ଭାବେ ବିଦ୍ୟାଳୟ ଗୁରୁଜୀ ରଶ୍ମିରଞ୍ଜନ ତ୍ରିପାଠୀ, ଗୁରୁମା ରାଜଶ୍ରୀ ସାହୁ, ଅଭାଗିନୀ ଦାଶ ଓ ଚନ୍ଦ୍ରିକା ଦାସ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ରାଧାକୃଷ୍ଣ ରୂପରେ ସଜିତ ହୋଇ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସନ୍ତୋଷ ବେହେରା, ସନ୍ତୋଷ ଦାସ, ଶ୍ରୀରାମ ଚନ୍ଦ୍ର ରାଉତ, ରଶ୍ମିରଞ୍ଜନ କରଣ ସଭା କାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ ଉପବନିଷ୍ଟ ବର୍ଗ, କନିଷ୍ଠ ବର୍ଗ, ବରିଷ୍ଠ ବର୍ଗର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ

ଡେଲାଙ୍ଗ,୨୬।୮ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଧୀନ ଗୋଡିପୁଟ ମାଟିଆପଡ଼ା ପଞ୍ଚାୟତର ବରପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ମହାଆଡମ୍ବରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର କୁନିକୁନି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବେଶରେ ସାଜସଜା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ରଙ୍ଗନାଥ ବେହେରା ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଗୁରୁମା ରୀତା ପ୍ରଧାନ, ଝରଣା ପଲେଇ, ଚିନ୍ମୟୀ ପାଇକରାୟ, ଲକି ଶାସମଲ, ଲକ୍ଷ୍ମୀପ୍ରିୟା ବେହେରା, ସଜନୀ ବାରିକ୍, ଆଚାର୍ଯ୍ୟ ସୁନିଲ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀକୃଷ୍ଣଙ୍କ ଫଟୋଚିତ୍ରକୁ ପୂଜାର୍ଚ୍ଚନା କରାଯାଇଥିଲା। ବେଶଧାରୀମାନେ ନିକଟ ରାଧାକୃଷ୍ଣ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହିତ ଆଖପାଖ ଗ୍ରାମ ପରିଦର୍ଶନ କରିଥିଲେ। ସେହିପରି ଡେଲାଙ୍ଗ ବଜାର ସନ୍ନିକଟ ସରସ୍ୱତୀ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ମହାଆଡ଼ମ୍ବରରେ ପାଳିତ ହୋଇଛି। ସମ୍ପାଦକ କିଶୋର ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ନବକିଶୋର ମହାପାତ୍ର, ଆଚାର୍ଯ୍ୟ ସର୍ବେଶ୍ୱର ବାରିକ୍, ଗୁରୁମା ଚିନ୍ମୟୀ ମହାପାତ୍ର, ମମତା ନାୟକ, ଦୀପିକା ମହାରଣା ପ୍ରମୁଖ ଗୁରୁମା ଗୁରୁଜୀ ଉପସ୍ଥିତ ରହି ଜନ୍ମାଷ୍ଟମୀ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବେଶରେ ସାଜସଜ୍ଜା କରାଯାଇଥିଲା।

# ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ, ଜନ୍ମାଷ୍ଟମୀ ଉତ୍ସବ

ପିପିଲି,୨୬।୮ (ପ୍ରଭାତ ମହାପାତ୍ର)

ବିଶ୍ୱହିନ୍ଦୁ ପରିଷଦ ପିପିଲି ପ୍ରଖଣ୍ଡ ପକ୍ଷରୁ ସୋମବାର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଦିନରେ ବିଶ୍ୱହିନ୍ଦୁ ପରିଷଦ ପ୍ରତିଷ୍ଠା ହୋଇଥିଲା। ଏହି ଅବସରରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଅବସ୍ଥାପିତ ରଥକୁ ଦାଣ୍ଡମୁକୁନ୍ଦପୁରସ୍ଥିତ ଜୟଗୋପାଳ ମନ୍ଦିରଠାରୁ ଶତାଧିକ ମହିଳା ପୁରୁଷ ଭକ୍ତଙ୍କୁ ନେଇ ଏକ ଆଧ୍ୟାତ୍ମିକ ପଦଯାତ୍ରା ଆରମ୍ଭ ହୋଇଥିଲା। ରଥରେ ପ୍ରଭୁଙ୍କ ସହ କୁନି କୁନି ପିଲାଙ୍କୁ ଶ୍ରୀକୃଷ୍ଣ, ବଳରାମ, ରାଧା ବେଶରେ ସଜେଇ ହୋଇ ହରେକୃଷ୍ଣ ଗାନ ସହ ପିପିଲି ପୌରାଞ୍ଚଳ ପରିକ୍ରମା କରାଯାଇଥିଲା। ଏହି ଆଧ୍ୟାତ୍ମିକ ପଦଯାତ୍ରା ପିପିଲି ଦୁଲାଦେଈ ମନ୍ଦିରରେ ପହଞ୍ଚିବା ପରେ ସେଠାରେ ବିଶ୍ୱହିନ୍ଦୁ ପରିଷଦ ପିପିଲି ପ୍ରଖଣ୍ଡ ସଭାପତି ପ୍ରଭାକର ପଣ୍ଡାଙ୍କ ସଭାପତିତ୍ୱରେ ଏକ ଆଧ୍ୟାତ୍ମିକ ସଭା ଆୟୋଜିତ ହୋଇଥିଲା। ବିଶ୍ୱହିନ୍ଦୁ ପରିଷଦ ପୂର୍ବ ପ୍ରାନ୍ତ ଉପସଭାପତି ପଣ୍ଡିତ ସତ୍ୟନାରାୟଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଭୁ ଶ୍ରୀକୃଷ୍ଣଙ୍କ ଧରାପୃଷ୍ଠ ଅବତରଣ, ମାନବୀୟ ଲୀଳା ଉପରେ ଆଲୋକପାତ କରିବା ସହ ସନାତନ ସଂସ୍କୃତି ଓ ଧର୍ମ ରକ୍ଷା ପାଇଁ ସମସ୍ତେ ସଜାଗ ରହିବାକୁ ଦାଶ ପରାମର୍ଶ ଦେଇଥିଲେ। ଜିଲା ସାମାଜିକ ସମରଶତା ପ୍ରମୁଖ ବଂଶୀଧର ସାହୁ, ସନ୍ତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପିପିଲି ପ୍ରଖଣ୍ଡ ସହସମ୍ପାଦକ ମୁନୁ ଅଗ୍ରୱାଲ ସଭା ପରିଚାଳନା କରିଥିଲେ। ଉପସ୍ଥିତ ବହୁ ମାନ୍ୟଗଣ୍ୟ ସନାତନ ପ୍ରେମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପିପିଲି ପ୍ରଖଣ୍ଡ ସମ୍ପାଦକ ମନୋଜ ପ୍ରଧାନ, ଉପସଭାପତି ବିଭୁତି ସାମନ୍ତରାୟ ପରିଚାଳନା କରିଥିବାବେଳେ ବ୍ୟବସ୍ଥା ପ୍ରମୁଖ ରାକେଶ ମହାପାତ୍ର, ସହ ବ୍ୟବସ୍ଥା ପ୍ରମୁଖ ରମାକାନ୍ତ ସାହୁ ସହଯୋଗ କରିଥିଲେ।




ଚିନ୍ତା ଓ ଚେତନା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ବର୍ଷା ମହୋତ୍ସବର ସୋମବାର ଦ୍ୱିତୀୟ ସନ୍ଧ୍ୟାକୁ ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ କରୁଛନ୍ତି। ତ୍ରିଧାରାର କଳାକାରମାନେ 'ପ୍ରହ୍ଲାଦ' ନାଟକ ପରିବେଷଣ କରୁଛନ୍ତି। (ଫଟୋ- ବିକାଶ ନାୟକ)

# 'ନୀତି, ନୈତିକତା ସହ ସାଲିସ ଉଚିତ ନୁହେଁ'

**ବର୍ଷା ମହୋତ୍ସବ ୨ୟ ସନ୍ଧ୍ୟା**

**ମନ ଜିଣିଲା ପ୍ରହ୍ଲାଦ ନାଟକ**

ଭୁବନେଶ୍ୱର,୨୬।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଏକ ଅନୁଷ୍ଠାନ ଜନ୍ମ ନେବା ସ୍ୱାଭାବିକ କଥା। ମାତ୍ର ସଫଳ ଭାବେ ଦୀର୍ଘାୟୁ ହେବା ଏତେ ସହଜ ନୁହେଁ। ଦୀର୍ଘ ୪୭ବର୍ଷ ଧରି ବିଭିନ୍ନ ମହୋତ୍ସବ କରି ଓଡ଼ିଆ ଅସ୍ମିତାକୁ ବଜାୟ ରଖିବାରେ ଚିନ୍ତା ଓ ଚେତନା ଅନୁଷ୍ଠାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଚିନ୍ତା ଓ ଚେତନା ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୪୭ତମ ବର୍ଷା ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜସ୍ୱ ମନ୍ତ୍ରୀ କହିଲେ, ସମାଜରେ କେବେ ନୀତି, ନୈତିକତା ସହ ସାଲିସ ହେବା ଉଚିତ ନୁହେଁ। ନିଷ୍କଳଙ୍କ ଭାବେ ଜନ୍ମ ହେବା ଆଉ ମରିବାଠୁ ବଡ଼ ସଫଳତା ଜୀବନରେ କିଛି ନାହିଁ। ସମାଜରେ ଭଲ ମଣିଷ ନିର୍ମାଣ ହେଲେ ହିଁ ସାମାଜିକ ପରିବର୍ତ୍ତନ ଆସିପାରିବ। ଗୀତା ଦର୍ଶନ ଶ୍ରେଷ୍ଠ ଦର୍ଶନ ବୋଲି କୁହାଯାଏ। ମାତ୍ର ଅନେକ ମତ ଦିଅନ୍ତି, ଯେଉଁଠି ଗୀତ ଦର୍ଶନ ଶେଷ ହୁଏ ସେଇଠି ଜଗନ୍ନାଥ ଦର୍ଶନ ଆରମ୍ଭ ହୁଏ। ତେବେ ଚିନ୍ତା ଓ ଚେତନାର ଜାଗୃତି କରିବା ସହ କଳାକାରଙ୍କୁ ସୁଯୋଗ ଦେଉଛି ଏହି କାର୍ଯ୍ୟକ୍ରମ ବୋଲି ସେ ପ୍ରକାଶ କରିଥିଲେ।

ଅତିଥି ଭାବେ ଆକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଡ. ଅଜୟ ବାହାଦୁର ସିଂ, ହେଲ୍‌ଥ ଅନ ଟପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଗୌରବ ରାଲହନ୍ ଉପସ୍ଥିତ ଥିଲେ। ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇ କହିଥିଲେ, ଋତୁଚକ୍ର ଓ ଧରିତ୍ରୀ ମା'କୁ ଆମେ ରକ୍ଷା କରିବା ଉଚିତ୍। ଏଥିସହ ଅନୁଷ୍ଠାନ ଆରମ୍ଭଠୁ ନେଇ ବିଭିନ୍ନ ସମୟର କିଛି କିଛି ଘଟଣା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନର ରାଜ୍ୟ ସଭାପତି ସହଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆରମ୍ଭରେ ନୀଳଚକ୍ରକୁ ମଣ୍ଡପରେ ବିଜେ କରାଯାଇଥିଲା। ଏହାପରେ ଗୁରୁ ଗଜେନ୍ଦ୍ର ପଣ୍ଡା ମାନ ଉଦ୍ଧାରଣ କର ହେ ତାରଣ... ନୃତ୍ୟ ପରିବେଷଣ କରିଥିଲେ। ସଭାକାର୍ଯ୍ୟ ପରେ ତ୍ରିଧାରା ଅନୁଷ୍ଠାନର ଶିଳ୍ପୀମାନେ 'ପ୍ରହ୍ଲାଦ' ନାଟକ ପରିବେଷଣ କରିଥିଲେ। ଗୁରୁ ପଣ୍ଡା ଏହାର ସଂରଚନା କରିଥିଲେ। ଏହି ଅବସରରେ ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ଚିନ୍ତା ଓ ଚେତନାର ମହାସଚିବ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରାଜ୍ୟପାଳଙ୍କୁ ଭେଟିଲା ଏପିଏଏଲ ପ୍ରତିନିଧି ଦଳ



ଭୁବନେଶ୍ୱର,୨୬।୮ (ଅନୁରାଧା ମହାରଣା)

ରାଜ୍ୟର ଭିନ୍ନକ୍ଷମ ପେନ୍‌ସନ ପଲିସିକୁ ନେଇ ଏପିଏଏଲ (ଆସୋସିଏଶନ ଅଫ୍ ପିପୁଲ୍ ଆଫେକ୍ଟେଡ୍ ବାଏ ଲେପ୍ରୋସି)ର ସଭାପତି ମାୟା ରଣଓ୍ୱରଙ୍କ ସହ ଏକ ପ୍ରତିନିଧି ଦଳ ରାଜ୍ୟପାଳ ରଘୁବର ଦାସଙ୍କୁ ସୋମବାର ଭେଟିଛନ୍ତି। ରାଜ୍ୟପାଳଙ୍କୁ ସାକ୍ଷାତ୍ ଅବସରରେ କୁଷ୍ଠରୋଗରେ ପୀଡିତ ବ୍ୟକ୍ତିଙ୍କ ଆର୍ଥିକ ଓ ସାମାଜିକ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏପିଏଏଲ୍‌ର ସୂଚନାନୁସାରେ, ରାଜ୍ୟରେ ବର୍ତ୍ତମାନ ୮୦ବର୍ଷରୁ ଅଧିକ ବୟସ୍କ କୁଷ୍ଠ ପୀଡ଼ିତଙ୍କୁ ୩୫୦୦ଟଙ୍କା ପେନସନ ପ୍ରଦାନ ବ୍ୟବସ୍ଥା ରହିଛି। ଫଳରେ ଲେପ୍ରୋସି କଲୋନୀରେ ରହୁଥିବା କୁଷ୍ଠପୀଡ଼ିତ ହିତାଧିକାରୀ ଆର୍ଥିକ ସହାୟତାରୁ ବଞ୍ଚିତ ହେଉଛନ୍ତି। ବୟସ ସୀମାକୁ କୋହଳ କରି ଏହି ହିତାଧିକାରୀଙ୍କୁ ତୁରନ୍ତ ସହାୟତା ପ୍ରଦାନର ଆବଶ୍ୟକତା ରହିଥିବା ଏପିଏଏଲ୍ ପକ୍ଷରୁ ଦର୍ଶାଯାଇଛି। ଏହାସହ ସେମାନଙ୍କ ଭୂମି ଅଧିକାର ସୁନିଶ୍ଚିତ କରିବାକୁ ଦାବି ଉପସ୍ଥାପନ କରାଯାଇଛି। ଏହି ପ୍ରତିନିଧି ଦଳରେ ଏପିଏଏଲର ଉପସଭାପତି ଜବାହର ରାମ ପାଶ୍ୱାନ, କାର୍ଯ୍ୟକାରୀ ସଦସ୍ୟ ପ୍ରଭାକର ସାହୁ, ରାଜ୍ୟ ସଂଯୋଜକ ବିଶ୍ୱାନନ୍ଦ ସାହୁ ପ୍ରମୁଖ ଥିଲେ। ରାଜ୍ୟପାଳ କୁଷ୍ଠ ପୀଡ଼ିତଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ସଂଗଠନ ଆଶାବାଦୀ ଅଛି।

# ନନ୍ଦନକାନନକୁ କୋଲକାତାରୁ ଆସିଲେ ୧୧ ପ୍ରାଣୀ

ବାରଙ୍ଗ,୨୬।୮ (ଲିଙ୍ଗରାଜ ରାଉତ)

କୋଲକାତା ଚିଡ଼ିଆଖାନାର ଏକ ଟିମ୍ ସୋମବାର ସନ୍ଧ୍ୟାରେ ନନ୍ଦନକାନନରେ ଆସି ପହଞ୍ଚିଛନ୍ତି। କୋଲକାତାରୁ ଆସିଥିବା ଟିମ୍ ସାଙ୍ଗରେ ୧ ଫିସିଂ କ୍ୟାଟ୍, ୪ ପାଣି ଗୋଧି, ୨ ପେଲିକାନ ପକ୍ଷୀ, ୪ ଇଗୁଆନା ଏଣ୍ଟୁଅକୁ ନେଇ ନନ୍ଦନକାନନରେ ପହଞ୍ଚିଛନ୍ତି। ପ୍ରାଣୀମାନେ ଆସିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଡାକ୍ତରଙ୍କ ନଜରବନ୍ଦୀରେ ଡାକ୍ତରଖାନାରେ ରଖାଯାଇଥିବା ଜଣାପଡ଼ିଛି। ଟିମ୍ ପହଞ୍ଚିବା ପରେ ପ୍ରାଣୀ ଅଦଳବଦଳ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ବୋଲି ଜଣାପଡ଼ିଛି। ମଙ୍ଗଳବାର ନନ୍ଦନକାନନରୁ କୋଲକାତାକୁ ଯିବାକୁ ଥିବା ପ୍ରାଣୀଙ୍କୁ ଆସିଥିବା ଟିମ୍ ଦେଖିବା ପରେ ସେମାନଙ୍କୁ ପ୍ରାଣୀ ବିଭାଗ ପକ୍ଷରୁ ଧରି ଜନ୍ତାରେ ପୁରାଇବାର ବ୍ୟବସ୍ଥା କରିବେ। ତେବେ ଏହି ଟିମ୍ ସହ ନନ୍ଦନକାନନର ଏକ ଟିମ୍ ମଧ୍ୟ କୋଲକାତା ଅଭିମୁଖେ ଯାତ୍ରା କରି ସେଠାରୁ ୨ ଜିରାଫ ଆଣିବେ ବୋଲି ଜଣାପଡ଼ିଛି।

# ମା' ହେବ ବିଜ୍‌ଲୀ, ସଜାଗ ପ୍ରାଣୀ ବିଭାଗ

ବାରଙ୍ଗ,୨୬।୮ (ଲିଙ୍ଗରାଜ ରାଉତ)

୪ର୍ଥ ଥର ପାଇଁ ମା' ହେବାକୁ ଯାଉଛି ସିଂହୀ ବିଜ୍‌ଲୀ। ଯାହାକୁ ନେଇ ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଖୁସିର ବାତାବରଣ ଖେଳିଯାଇଛି। କିନ୍ତୁ ଏମାନଙ୍କ ଶାବକ ଜନ୍ମ ଦେବା ସମୟ ଯେତିକି ପାଖେଇ ଆସୁଛି, ପ୍ରାଣୀ ବିଭାଗର ଚିନ୍ତା ମଧ୍ୟ ବଢ଼ିବଢ଼ି ଯାଉଛି।

ପୂର୍ବରୁ ୨୦୨୧ ଜୁଲାଇ ୨୧ରେ ବିଜ୍‌ଲୀ ପ୍ରଥମ ଥର ପାଇଁ ମା' ହୋଇ ୪ଟି ଶାବକ ଜନ୍ମ ଦେଇଥିଲା। ୨ଟି ମଲା ଛୁଆ ହୋଇଥିବାବେଳେ ଗୋଟିଏ ଜନ୍ମ ଦେବାର ଗୋଟିଏ ଦିନ ନ ପୂରୁଣୁ ମୃତ୍ୟୁ ହୋଇଥିଲା। ଅନ୍ୟ ଛୁଆଙ୍କୁ ଗ୍ରହଣ ନ କରିବାରୁ ଲାଳନ ପାଳନ ପାଇଁ ମଣିଷ କୋଳକୁ ଆସିଥିଲା। ୨୦୨୨ ମାର୍ଚ୍ଚ ୧୭ରେ ଗୋଟିଏ ଶାବକ ଜନ୍ମ ଦେଇ ଦ୍ୱିତୀୟ ଥର ପାଇଁ ମା' ହୋଇଥିଲା। ଏଥର ମଧ୍ୟ ପୂର୍ବଭଳି ସ୍ଥିତି ଉପୁଜିଥିଲା। ୨୦୨୨ ନଭେମ୍ବର ୨୨ରେ ୪ଟି ଶାବକକୁ ଜନ୍ମ ଦେଇ ତୃତୀୟ ଥର ପାଇଁ ମା' ହୋଇଥିଲା। ସିଂହୀ ବିଜ୍‌ଲୀ ପୁଣି ମା' ହେବାକୁ ଯାଉଛି। ସିଂହୀ ବିଜ୍‌ଲୀ ସହିତ ସିଂହ ସମ୍ରାଟ୍‌ର ମିଳନ କରାଯାଇଥିବାବେଳେ ସେ ଏବେ ଗର୍ଭବତୀ। ଆଉ ଦିନେ ୨ ଦିନ ପରେ ଶାବକ ଜନ୍ମ ଦେବ ବୋଲି ଅନୁମାନ କରାଯାଉଛି। ଯାହାକୁ ନେଇ ବିଜ୍‌ଲୀ ପ୍ରତି ପ୍ରାଣୀ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ସଜାଗ ରହିଥିବା ଜଣାପଡ଼ିଛି।

# ବାର୍ଡ-ଫ୍ଲୁ ତଦାରଖ, ପଦକ୍ଷେପକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ପୁରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି ଲେଖିଲେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ**

ଭୁବନେଶ୍ୱର, ୨୬।୮ (ବନ୍ଦନା ସେଠୀ)

ପୁରୀ ଜିଲାରେ ବାର୍ଡ-ଫ୍ଲୁ ଚିହ୍ନଟ ହେବା ପରେ ଏବେ ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ଓ ତତ୍ପରତା ବଢ଼ିଯାଇଛି। ଏହି ଘଟଣାର ତଦାରଖ ସହ ବାର୍ଡ ଫ୍ଲୁର ମୁକାବିଲା ପାଇଁ ପ୍ରସ୍ତୁତି ସମ୍ପର୍କରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ପୁରୀ ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି କରିଛନ୍ତି। ନିସାଦ ଦ୍ୱାରା ପୁରୀ ଜିଲାର ପିପିଲି ଓ ସତ୍ୟବାଦୀ ବ୍ଲକ୍‌ରେ ବାର୍ଡ-ଫ୍ଲୁ ଚିହ୍ନଟ କରାଯାଇଛି। ବାର୍ଡ-ଫ୍ଲୁ ଏକ ସଂକ୍ରାମକ ରୋଗ ହୋଇଥିବାବେଳେ ଏହା ବିଶେଷକରି ପକ୍ଷୀ (କୁକୁଡ଼ା)ମାନଙ୍କୁ ସଂକ୍ରମିତ କରିଥାଏ ଏବଂ ଘୁଷୁରିଙ୍କୁ କମ୍ ମାତ୍ରାରେ ଆକ୍ରାନ୍ତ କରିଥାଏ। ସଂକ୍ରମିତ କୁକୁଡ଼ାଙ୍କଠାରୁ ମନୁଷ୍ୟଙ୍କୁ ଏହା ସଂକ୍ରମିତ ହୋଇଥାଏ। ମାତ୍ର ମନୁଷ୍ୟରୁ ମନୁଷ୍ୟକୁ ସଂକ୍ରମିତ ହେବା ନେଇ କୌଣସି ସ୍ପଷ୍ଟତା ମିଳିପାରିନାହିଁ। ତେଣୁ କୁକୁଡ଼ା ଫାର୍ମ, ପକ୍ଷୀଘର ଏବଂ ଅନ୍ୟାନ୍ୟ ପ୍ରାଣୀ ଉଦ୍ୟାନରେ ନିୟୋଜିତ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଉପରେ ସ୍ୱତନ୍ତ୍ର ଦୃଷ୍ଟିଦେବା ଆବଶ୍ୟକ। ବାର୍ଡ-ଫ୍ଲୁ ଲକ୍ଷଣ ଜଣାପଡିବା ମାତ୍ରେ ତୁରନ୍ତ ସର୍ଭେଲାନ୍ସ ଜାରି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସଚେତନ ଏବଂ ଅନ୍ତର୍ବିଭାଗୀୟ ସମନ୍ୱୟ ପାଇଁ ଜିଲାସ୍ତରରେ ବୈଠକ କରିବା, ଅପ୍ରାକୃତିକ ଏବଂ ଅସ୍ପଷ୍ଟୀକୃତ ପକ୍ଷୀ ମୃତ୍ୟୁର ପ୍ରାରମ୍ଭିକ ରିପୋର୍ଟସଂଗ୍ରହ ପାଇଁପ୍ରାଣୀ ଚିକିତ୍ସା, ରାଜସ୍ୱ ଓ ବନ୍ୟଜନ୍ତୁ ଏବଂ ବନ ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷା କରିବା, ଆବଶ୍ୟକ ତଥା ପର୍ଯ୍ୟାପ୍ତ ଔଷଧ ମହଜୁଦ୍ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ଜିଲା/ବ୍ଲକ୍‌ରେ କଣ୍ଟ୍ରୋଲ ରୁମ୍‌କୁ କ୍ରିୟାଶୀଳ କରାଯିବା ସହ ଏଥିରେ ଜଡ଼ିତ କର୍ମଚାରୀଙ୍କ ନାମ ଓ ନମ୍ବର ଏସ୍‌ଏସ୍ଥୁ ମାଧ୍ୟମରେ ଶେୟାର କରିବା, ଜିଲା ଓ ବ୍ଲକ୍ ଆର୍‌ଆର୍‌ଟି ଗଠନ, ପ୍ରାଣୀ ଚିକିତ୍ସା ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ କ୍ୱାରେଣ୍ଟାଇନ୍ ସୁବିଧା, ଆର୍‌ଆର୍‌ଟି ସଦସ୍ୟଙ୍କ ଡାକ୍ତରୀ ପରୀକ୍ଷା ଏବଂ କେମୋ-ପ୍ରୋଫାଇଲାକ୍ସିସ୍ ଆଦି ଉପରେ ଗୁରୁତ୍ୱ ଦିଆଯାଇଛି। ଏହାବାଦ୍ ସର୍ଭେଲାନ୍ସ ଆକ୍ଟିଭିଟିକୁ ବଢାଇବା ସହ ସଂକ୍ରମିତ ଅଞ୍ଚଳରେ ଘର ଘର ବୁଲି ଜ୍ୱର, ଅସୁସ୍ଥ ଲୋକଙ୍କୁ ଚିହ୍ନଟ କରିବା, ପ୍ରୋଟୋକଲ ଅନୁଯାୟୀ ସଂକ୍ରମିତଙ୍କ ନମୁନା ସଂଗ୍ରହ କରିବା, ନିୟମିତ ଭାବେ ଜିଲା ଅଧିକାରୀଙ୍କୁ ରିପୋର୍ଟ ଦାଖଲ କରିବାକୁ ଚିଠିରେ ଉଲ୍ଲେଖ ରହିଛି।

# କ୍ଷତିପୂରଣ ଦାବିକଲେ କୁକୁଡ଼ା ଚାଷୀ

ପିପିଲି,୨୬।୮ (ଦୁର୍ଗା ମାଧବ ମିଶ୍ର)




ଜାତୀୟ ରାଜପଥରେ କୁକୁଡା ଚାଷୀମାନେ ବିକ୍ଷୋଭ କରୁଛନ୍ତି।

ପିପିଲିର କୁକୁଡ଼ା ଚାଷୀମାନେ ସୋମବାର ସରକାରଙ୍କୁ କ୍ଷତିପୂରଣ ଦାବି କରି ପିପିଲି ୩୧୬ ନଂ. ଜାତୀୟ ରାଜପଥ ଦୁର୍ଗାଦାଶପୁର ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଥିଲେ। ବ୍ଲକର ବିଭିନ୍ନ ଫାର୍ମରେ କୁକୁଡ଼ା ବାର୍ଡ ଫ୍ଲୁରେ ସଂକ୍ରମିତ ହୋଇଥିଲାବେଳେ କେବଳ ପିପିଲିର ତେଇଶିପୁର, ପୋଡଙ୍ଗ, ଆବଲପୁର, ରାଇଗରପୁର, ଜନାର୍ଦ୍ଦନପୁର, ବାଲିଗାଁ, ସହଜପୁରର ୫୪ଟି ଫାର୍ମକୁ ଚିହ୍ନଟ କରାଯାଇଛି। ଏହାଛଡ଼ା ପିପିଲିର ଅନ୍ୟ ଫାର୍ମଗୁଡ଼ିକରେ ଦୈନନ୍ଦିନ ଶହ ଶହ ସଂଖ୍ୟାରେ କୁକୁଡ଼ା ମରୁଥିବାବେଳେ ସେହି ଫାର୍ମକୁ ସଂକ୍ରମିତ ଫାର୍ମ ଭାବେ ଘୋଷଣା କରିବା ଦାବି କରାଯାଉଛି। ଏଥିସହ ସଦାୟିତ୍ୱରେ ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ଅଭିଯୋଗ କରି ଚାଷୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସେପଟେ ଚାଷୀ ଓ ଅଧିକାରୀଙ୍କ ମଧ୍ୟରେ ଥିବା ବୈଠକରେ ଅଧିକାରୀ ଅନୁପସ୍ଥିତ ରହିବା ଓ ଚାଷୀ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ଚିନ୍ତାର କାରଣ ପାଲଟିଛି। ଅନ୍ୟପଟେ ସୋମବାର ସକାଳେ ପିପିଲି ତେଇଶିପୁର ଅଞ୍ଚଳର ଜିତେନ୍ଦ୍ର ଦାଶଙ୍କ କୁକୁଡ଼ା ଫାର୍ମରେ କୁକୁଡ଼ା ମରାଯାଇ ଏହାକୁ ପୋତା ଯାଇଥିଲାବେଳେ ବିଭିନ୍ନ ଫାର୍ମକୁ ବିଭାଗ ସଫେଇ ଓ ସାନିଟାଇଜ କରିଥିବା ଜଣାପଡ଼ିଛି। ଚିହ୍ନଟ ଫାର୍ମଗୁଡ଼ିକରେ ସଫେଇ କରିବା ସହିତ ପରିବେଶ ପ୍ରଦୂଷଣ କିଭଳି ନ ହେବ ସେଥି ପ୍ରତି ଧ୍ୟାନ ଦିଆଯିବା କଥା କୁହାଯାଉଛି। ମାତ୍ର ପିପିଲିର ଅଧିକାଂଶ କୁକୁଡ଼ା ଫାର୍ମରେ ପ୍ରତିଦିନ ଶହ ଶହ ସଂଖ୍ୟାରେ କୁକୁଡ଼ା ମରୁଥିବାବେଳେ ଏହା ଅଧିକ ସଂକ୍ରମିତ କରିବ ବୋଲି ଚାଷୀ ଅଭିଯୋଗ କରି ଫାର୍ମଗୁଡ଼ିକ ଚିହ୍ନଟ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୋବିନ୍ଦ



@ ସଂଘମିତ୍ରା



@ ଶୁଭଲକ୍ଷ୍ମୀ



@ ମନୋରଞ୍ଜନ



@ ଗିରିଜା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନଦୀ, କେନାଲରେ ଭାସୁଛନ୍ତି ମଲା କୁକୁଡ଼ା

କଣାସ,୨୬।୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ଓ ତାହାର ଶାଖା ନଦୀ ରାଜୁଆ ଏବଂ କଣାସ କେନାଲରେ ମଲା କୁକୁଡ଼ା ଭାସୁଥିବା ଦେଖିବାକୁ ମିଳିଛି। ଏଥିରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ପିପିଲି ଓ ସତ୍ୟବାଦୀ ଅଞ୍ଚଳର ଫାର୍ମରେ କୁକୁଡ଼ାଙ୍କୁ ବ୍ଲାର୍ଡ ଫ୍ଲୁ ହୋଇଥିବାରୁ ସରକାରଙ୍କ ପକ୍ଷରୁ କୁକୁଡ଼ା ମାରିବା ଅଭିଯାନ ଚାଲୁ ରହିଛି। ଏହା ମଧ୍ୟରେ ପିପିଲି ଓ ଡେଲାଙ୍ଗ ଅଞ୍ଚଳର ନଦୀ ଓ କେନାଲ ପାଖରେ କୁକୁଡ଼ା ଚାଷ କରିଥିବା ଚାଷୀମାନେ କୁକୁଡ଼ାଙ୍କୁ ଜରିବସ୍ତାରେ ପୁରାଇ ମୁହଁ ବାନ୍ଧି ନଦୀ ଓ କେନାଲକୁ ଫୋପାଡ଼ି ଦେଉଥିବା ଦେଖିବାକୁ ମିଳିଛି। ନଦୀରେ ଭାସି ଯାଉଥିବା ଅଖାରୁ ଦୁର୍ଗନ୍ଧ ବାହାରୁ ଥିବାରୁ ନଦୀକୁ ଯାଉଥିବା ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଢୋଲପାଟଣାଠାରେ ରାଜୁଆ ନଦୀରେ ଜାଲ ବସାଇଥିବା କେତେଜଣ ବ୍ୟକ୍ତିଙ୍କ ଜାଲରେ ୨ ଦିନ ତଳେ ୩ରୁ ୪ଟି ମୁହଁ ବନ୍ଧା ଅଖା ଲାଗିବାରୁ ସେମାନେ ସେଥିରେ ପଚି ଯାଇଥିବା ମଲା କୁକୁଡ଼ା ଦେଖିଥିଲେ। ସେ ସେଗୁଡ଼ିକୁ ଜାଲରୁ ବାହାର କରି ନଦୀତଳେ ଖସାଇ ଦେଇଥିଲେ। ତେବେ ଜୀବିତ ହେଉ ବା ମଲା କୁକୁଡ଼ାଙ୍କୁ ଚାଷୀମାନେ ଏପରି ନଦୀ କିମ୍ବା କେନାଲରେ ନ ଭସାଇବାକୁ ପ୍ରାଣୀ ଚିକିତ୍ସକମାନେ ଅନୁରୋଧ କରିଥିବା ଜଣାପଡ଼ିଛି।

